## ବିଷପାନ କରି ମହିଳାଙ୍କ ଆତ୍ମହତ୍ୟା

ବାଉଁଶୁଣୀ,(ଡି.ଏନ୍.ଏ.):ବୌଦ୍ଧ ଜିଲା କଣ୍ଟାମାଳ ଥାନା ଉର୍ତ୍ତୁଲା ଗ୍ରାମର ଅବନ୍ତୀ ଚିରଗୁଣୀ ନାମ୍ନୀ ଜଣେ ମହିଳା ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଅବନ୍ତୀ କୌଣସି କାରଣରୁ ରବିବାର ଭୋର ସମୟରେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ସକାଳେ ପରିବାର ଲୋକ ଜାଣି ପାରିବା ପରେ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଜଣେ ଗୁରୁତର

ବାଉଁଶୁଣୀ,୯।୮(ଡି.ଏନ୍.ଏ.):ସୋମବାର ଅପରାହ୍ନ ପ୍ରାୟ ୪ଟାରେ ବାଉଁଶୁଣୀ-ଗୁନ୍ଦୁଲିଆ ରାସ୍ତାର ବନ୍ଧପଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀ ଗୁରୁତର ହୋଇଛନ୍ତି। ଗୁନ୍ଦୁଲିଆ ଗ୍ରାମ ପଞ୍ଚାୟତ ତିଲପଙ୍ଗା ଆମ୍ବଖୋଲ ଗ୍ରାମର ଶ୍ୟାମଘନ ଦିଗାଲ (୩୫) କୌଣସି କାମରେ ବାଉଁଶୁଣୀ ଆସି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବନ୍ଧପଡା ନଳକୂପ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

### ସାପ କାମୁଡ଼ାରେ ନାବାଳିକା ମୃତ

ଖଡିଆଳ, ୯।୮ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଚିନ୍ଦାଗୁଡା ପଞ୍ଚାୟତ ଖଇରପଦର ଗ୍ରାମର ବୁଡି ଅଞ୍ଚଳପଡାର ରାଜେନ୍ଦ୍ର ସୁନାନୀଙ୍କ ୧୧ବର୍ଷର ଝିଅ ଶେଫାଳୀ ରବିବାର ରାତିରେ ଶୋଇଥିବା ସମୟରେ ସାପ କାମୁଡାରେ ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ସାପ କାମୁଡିଥିବା ଜାଣି ଖଡିଆଳ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପୂର୍ଣ୍ଣ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏହା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୧) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ବିଶ୍ୱ ସ୍ତନପାନ ସପ୍ତାହ ପାଳିତ

ଧର୍ମଗଡ, ୯।୮ (ଡି.ଏନ.ଏ.): ଚାଇଲ୍ଡ ଫଣ୍ଡ ଇଣ୍ଡିଆ କଳାହାଣ୍ଡି ପକ୍ଷରୁ ବିଶ୍ୱସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଧର୍ମଗଡ ଅଞ୍ଚଳର ୫ଟି ଗ୍ରାମର ମହିଳା, ଏଏନ୍ଏମ, ଅଙ୍ଗନୱାଡି, ଆଶା କର୍ମୀ, ଗର୍ଭବତୀ ଓ ପ୍ରସୁତି ମା'ମାନଙ୍କୁ ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। କଳାହାଣ୍ଡି ଶିଶୁ ବିକାଶ ପ୍ରକଳ୍ପ, ଧର୍ମଗଡ ପକ୍ଷରୁ କୋତମେର, ବୋକ୍ରାସିଲ, ବାଙ୍କିମୁଣ୍ଡା, ପଳସପାଣି ଓ ଛଞ୍ଚାଣବାହାଲି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ସ୍ତନ୍ୟପାନ ଉପରେ ନିର୍ମିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। କୋଭିଡ୍ ସଂକ୍ରମଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଚାଇଲ୍ଡ ଫଣ୍ଡ ଇଣ୍ଡିଆର କ୍ଷେତ୍ର ସଂଯୋଜକ ନମିତା ନାଏକ, ବିହାରୀ ରାଉତ ଓ ଯୋଗେଶ୍ୱର ଧରୁଆ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସାହାଯ୍ୟ କରିଥିଲେ।

### ୭ ବର୍ଷ ପରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ

ତୁଣ୍ଡଲା, ୯।୮ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଦ୍ଦାପାଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୭ ବର୍ଷ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ତାହା ଏବେ ପୂରଣ ହୋଇଛି। ତୁଣ୍ଡଲା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦୋନ୍ନତି ପାଇ ଯତିନ୍ଦ୍ର କୁମାର ପଧାନ ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଯତିନ୍ଦ୍ରଙ୍କୁ ପ୍ରଧାନ ଶିକ୍ଷକ ଭାବେ ପାଇ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାଳିଆ ଭୋଇ, ପରିଚାଳନା କମିଟି ସମସ୍ତ ସଦସ୍ୟାସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବେଲଖଣ୍ଡି କ୍ଲଷ୍ଟର ସିଆରସିସି ଦିବ୍ୟ ସିଂ ମାଝି ପ୍ରମୁଖ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ।

### ଜାମପାଲି ଦୁଗ୍ଧ ସମବାୟ ସମିତି ଗଠିତ

ବାଉଁଶୁଣୀ,୯।୮(ଡି.ଏନ୍.ଏ.): ବୌଦ୍ଧ ବ୍ଲକରେ ଦୁଗ୍ଧର ଅଭାବୀ ବିକ୍ରି ଦୂର କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଉଛି। ଦୁଗ୍ଧ ସମବାୟ ସମିତି ମାଧମରେ ଏହା ସଂଗ୍ରହ କରିବା ସହିତ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ବୌଦ୍ଧ ବ୍ଲକ ମନୁପାଲି ପଞ୍ଚାୟତ ଅନ୍ତର୍ଗତ ଜାମପାଲି ଗ୍ରାମରେ ସୋମବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ପ୍ରାୟ ୪୦ ଦୁଗ୍ଧଚାଷୀ ଯୋଗ ଦେଇଥିଲେ। ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମଲେଶ୍ୱରୀ ଦୁଗ୍ଧ ସଂଘର କ୍ଷେତ୍ର ପରିଦର୍ଶକ ଅମୂଲ୍ୟ କୁମାର ଓଝା, ମହିଳା ସମ୍ପ୍ରସାରଣ କର୍ମୀ ସଂଯୁକ୍ତା ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜାମପାଲି ଦୁଗ୍ଧ ସମବାୟ ସମିତି ଗଠନ ନିମନ୍ତେ ଉପସ୍ଥିତ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ସମିତିର ସୁପରିଚାଳନା ନିମନ୍ତେ ନକୁଳ ମହାକୁଳଙ୍କୁ ସଭାପତି ଓ କିଶୋର କୁମାର ଦେହୁରୀଙ୍କୁ ସମ୍ପାଦକ ଭାବରେ ମନୋନୀତ କରିବା ସହିତ ୧୫ ଜଣିଆ କାର୍ଯ୍ୟକାରିଣୀ କମିଟି ଗଠନ କରଯାଇଥିଲା। ଏହି ସମିତି ଗଠନ ଫଳରେ ଜାମପାଲି, ସାଣପାଲି, କନାପଡ଼ା, ମହୁଲି, ବୁଡିକ୍ଣ, ରୁଗୁଡ଼ିଗୋରା, ପୁଡୁଗପଥର, ମନୁପାଲି ଆଦି ୮ ଗ୍ରାମର ୪୦ ଚାଷୀ ଉପକୃତ ହେବେ। ଆଗାମୀ ୧୧ତାରିଖରୁ ଦୁଗ୍ଧ ସଂଗ୍ରହ କରିବା ନେଇ ବୈଠକରେ ନିଷ୍ପତି ମଧ ନିଆଯାଇଥିଲା।

# ଆଦିବାସୀଙ୍କ ହକ୍ ପାଇଁ ଲଢ଼ିବାକୁ ଶପଥ

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର
- ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ସମାରୋହ

କର୍ଲାମୁଣ୍ଡା, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗା ମଣ୍ଡପଠାରେ ବ୍ଲକ ଆଦିସ୍କନ୍ଦ ସମାଜ, ଆଦିବାସୀ ସଂଘ ଓ ଆଞ୍ଚଳିକ ଗଣ୍ଡୱାନା ସଂଘ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଦିବାସୀଙ୍କ ପାରମ୍ପାରିକ ନୀତିରେ ଦେବୀ ଦେବତାଙ୍କୁ ପୂଜାର୍ଚ୍ଚନା ସହ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆଦିବାସୀ ପତକା ଉତ୍ତୋଳନ କରାଯାଇଥିଲା। ପରେ ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବି ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲ କିରାଣୀ ରାମେଶ୍ୱର ମାଝିଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ଅଗଷ୍ଟ ୯କୁ ଆଦିବାସୀ ଦିବସ ରୂପେ ସରକାରୀ ଛୁଟି ଘୋଷଣା କରାଯିବା। ଶହୀଦ ରେଣ୍ଡୋ ମାଝିଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା, କଳାହାଣ୍ଡି ମେଡିକାଲ କଲେଜକୁ ଶହୀଦ ରେଣ୍ଡୋ ମାଁଙ୍କ ନାମରେ ନାମିତ କରିବା, ନକଲି ଆଦିବାସୀ କର୍ମଚାରୀମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରମୁଖ ଦାବି ରହିଛି। ପରେ ଏକ ସଭା ଆୟୋଜନ କରାଯାଇଥିଲା। କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଦିସ୍କନ୍ଦ ସମାଜ କଳାହାଣ୍ଡି ଜିଲା ଉପସଭାପତି ପ୍ରକାଶ ମାଝି, ମୁଖ୍ୟବକ୍ତା ଭାବେ ବ୍ଲକ ଆଦିବାସୀ କର୍ମଚାରୀ ସଂଘ ସଭାପତି ମଧୁସୂଦନ ଧରୁଆ, ସମ୍ମାନିତ ଅତିଥି ଭାବେ ମ.ରାମପୁର ଆଦିସ୍କନ୍ଦ ସମାଜ ସଭାପତି ରାଜ କିଶୋର ମାଝି ଓ ଉପସଭାପତି ରାଜୁ ମାଝି, ବ୍ଲକ ଆଦିସ୍କନ୍ଦ ସମାଜ ସଭାପତି ଗୋବର୍ଦ୍ଧନ ଭୋଇ, ବ୍ଲକ ଆଞ୍ଚଳିକ ଗଣ୍ଡୱାନା ସଭାପତି ପରଧିଆ ଧରୁଆ ଓ ସମ୍ପାଦକ ଭୁବନ ଧରୁଆ, ସପଲହରା ସରପଞ୍ଚ ପୃଥିରାଜ ମାଝି, ସମିତି ସଭ୍ୟ ନିରଞ୍ଜନ ମାଝି ପ୍ରମୁଖ ଯୋଗଦେଇଥିଲେ । ଆଦିବାସୀଙ୍କ ହକ୍ ଓ ଅଧିକାର ପାଇଁ ସଙ୍ଗଠିତ ହୋଇ ଲଢିବାକୁ ସାମୂହିକ ଶପଥ ନେଇଥିଲେ। ଆଦିବାସୀ ଯୁବ ଗୋଷ୍ଠୀଙ୍କୁ ସଙ୍ଗଠିତ କରିବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଆଦିବାସୀ ଯୁବ ସଙ୍ଗଠକ ଗଜପତି ମାଝି ଓ ନନ୍ଦ କିଶୋର ଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଯୁବ ସଙ୍ଗଠକ ତରୁଣ ଜାନୀ, ବୁଟା ସିଂ, ପ୍ରଦୀପ ମାଝି, ଜଳନ୍ଧର ଭୋଇ, ନୀଳମାଧବ ଭୋଇ, ଫକୀର ମାଝି, ଫକୀର ଭୋଇ, ସୁରେନ୍ଦ୍ର ମାଝି, ସୀମାଞ୍ଚଳ ମାଝି, ଦୁର୍ବାଦଳ ଭୋଇ, ଅଶ୍ୱନୀ ମାଝି ଓ ଜଗଦୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ବିଶ୍ୱ ଆଦିବାସୀ ସମାରୋହରେ ଆୟୋଜିତ ଶୋଭାଯାତ୍ରା।

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ଡାଲଗୁମା ଗ୍ରାମର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ବ୍ରଜ କିଶୋର ଧରୁଆ (୫୫)। ବୃଦ୍ଧଙ୍କ ପଡୋଶୀ ଘର ବାରଣ୍ଡାରେ କପଡା ଶୁଖାଇବା ପାଇଁ ଟଙ୍ଗା ଯାଇଥିବା ଏକ ବାଉଁଶରେ ଏକ ଫୁଲ ପ୍ୟାଣ୍ଟରେ ବେକରେ ଲାଗିଥିଲା। ସୋମବାର ସକାଳୁ ସ୍ଥାନୀୟ ଲୋକେ ଦେଖିବା ପରେ ମୃତକଙ୍କ ପୁଅ ଲକ୍ଷପତି କୋକସରା ଥାନାରେ ହତ୍ୟା ଅଭିଯୋଗ କରାଯିବା ସହ ସାଇଣ୍ଟିଫିକ ଟିମ ସାହାଯରୟରେ ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ। କୋକସରା ପୋଲିସ ଏବଂ ଭବାନୀପାଟଣା ସାଇଣ୍ଟିଫିକ ଟିମ ପହଞ୍ଚି ପାରିପାର୍ଶିକ ଅବସ୍ଥା ଅନୁଧ୍ୟାନ କରିଥିଲେ। କୋକସରା ଡାକ୍ତରଖାନାରେ ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ବ୍ରଜ କିଶୋର ମୂଷାପାଲି ହାଇସ୍କୁଲରେ ପିଅନ ଚାକିରି କରୁଥିଲେ। ସେ କାହିଁକି ଆତ୍ମହତ୍ୟା କଲେ କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଭାରତୀୟ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ, ଅଗଷ୍ଟକ୍ରାନ୍ତି ଦିବସ

ଖଡିଆଳ, ୯।୮ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ ୨ରେ ଭାରତୀୟ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ଓ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ବିଧାନସଭା ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ତାଣ୍ଡିଙ୍କ ସଭାପତିତ୍ୱରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ନଗର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ଘିଭେଲା, ଜିଲା ଛାତ୍ର କଂଗ୍ରେସ ସଭାପତି ଅମିତାଭ ପଟେଲ, ନଗର ଯୁବ କଂଗ୍ରେସ ସଭାପତି ପଞ୍ଚାନନ ସେଠୀ, ବୋଡେନ ସଭାପତି ରାଇସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଭାଜପା, ବିଜେଡିର କର୍ମୀ ତଥା ଦଳିତ ଅଧିକାର ମଞ୍ଚ ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା କଂଗ୍ରେସରେ ଯୋଗଦେଇଥିଲେ। ସଭାକୁ ବରିଷ୍ଠ ଯୁବ କଂଗ୍ରେସ ନେତା ହୀରାଧର ମେହେର ପରିଚାଳନା କରିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଟେଷ୍ଟ ହାଉସ ମାଲିକ ସଂଘ ପକ୍ଷରୁ ଦାବିପତ୍ର

ନୂଆପଡ଼ା ଅଫିସ,୯।୮

ସୋମବାର ନୂଆପଡା ଟେଷ୍ଟ ହାଉସ, ଫ୍ଲାବାର, ଲାଇଟ ସାଉଣ୍ଡ ମାଲିକ ସଂଘ ୭ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପ୍ରଦାନ କରିଛନ୍ତି। ନୂଆପଡା ଭରତ ଦ୍ୱାଜ କଲ୍ୟାଣ ମଣ୍ଡପଠାରୁ ନୀରବ ପ୍ରତିବାଦ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

କରୋନା ଯୋଗୁ ଟେଷ୍ଟ ହାଉସ ମାଲିକ ଓ ଶ୍ରମିକମାନଙ୍କ ପରିବାର ଚାଳିବାରେ ବହୁ ଅସୁବିଧା ହେଉଛି। ଏଥି ଯୋଗୁ ଟେଷ୍ଟ ମାଲିକମାନଙ୍କ ବହୁତ କ୍ଷତି ହୋଇଛି। ସେମାନଙ୍କୁ ଆର୍ଥିକ କ୍ଷତିପୂରଣ ଦିଆଯାଉ, ଟେଷ୍ଟ ବ୍ୟବସାୟ ଜନିତ ସମସ୍ତ ଋଣ ଛାଡ କରାଯାଉ ଓ ଆଗାମୀ ଦିନରେ ବ୍ୟାବସାୟର ସୁଧାର ପାଇଁ ବିନା ସୁଦ୍ଧରେ ଋଣ ଦିଆଯାଉ, କରୋନାଜନିତ ମୃତ୍ୟୁ ବରଣକରିଥିବା ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ନୂଆପଡା ଟେଷ୍ଟ ହାଉସ ମାଲିକ ସଂଘ ସଭାପତି ରବି ଅଗ୍ରୱାଲ, ଉପ ସଭାପତି ଜ୍ୟୋତିଲାଲ ବଞ୍ଜାରେ, ସମ୍ପାଦକ ରାଜୁ ଦଣ୍ଡସେନା, ହେମନ୍ତ ପ୍ରଧାନ, ଜଗନ୍ନାଥ ସାହୁ, ନବୀନ ନାଗ, ଦେବରାଜ ସାହୁ, ପ୍ରବିଣ ପାଣିଗ୍ରାହୀ, ଯୁଗଳ କିଶୋର ମାଝି, ଦୁର୍ଗା ପାଣିଗ୍ରାହୀ, ରିଙ୍କୁ ଅଗସ୍ତି ପ୍ରମୁଖ ଜିଲାପାଳଙ୍କୁ ଦାବି କରିଛନ୍ତି।


ଟେଷ୍ଟ ହାଉସ ମାଲିକ ସଂଘ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ସଡ଼କ ଦୁର୍ଘଟଣାରେ ଅତିରିକ୍ତ ଜିଲାପାଳ ଗୁରୁତର

ବୌଦ୍ଧ,୯।୮(ସ୍ୱ.ପ୍ର.)

ବୌଦ୍ଧ ଅତିରିକ୍ତ ଜିଲାପାଳ ଏନ୍.ସି ଜ୍ୟୋତି ରଞ୍ଜନ ନାଏକ ସରକାରୀ କାର୍ଯ୍ୟରେ ସୋମବାର ସକାଳୁ ଏକ କାର ଯୋଗେ ଭୁବନେଶ୍ୱର ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ନୟାଗଡ ଜିଲା ଦଶପଲ୍ଲା ନିକଟସ୍ଥ ରଙ୍ଗମାଟିଆ ରାଜପୁତ ହୋଟେଲ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୋଡ ଭାଙ୍ଗିଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅତିରିକ୍ତ ଜିଲାପାଳଙ୍କ ସହିତ ଗାଡିରେ ଥିବା ଇଡକୋର ଅଧିକାରୀ ପ୍ରଭୂଦତ୍ତ ଦାଶ ଓ ଅନ୍ୟ ଗାଡିର ଜଣେ ମହିଳା ଦୁର୍ଘଟଣାରେ ଗୁରୁତର ଆହତ ହୋଇଥବା ଜଣାପଡିଛି। ଇଡକୋ ଅଧିକାରୀଙ୍କ ସହିତ ଗୁରୁତର ମହିଳାଙ୍କୁ ଆମ୍ବୁଲାନସ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଛି।

# ୧୧ ବର୍ଷ ପରେ ପ୍ରଧାନ ଶିକ୍ଷକ ନିଯୁକ୍ତି

ତୁଣ୍ଡଲା, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁର୍ଲାଖମନସ୍ଥିତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୧୧ ବର୍ଷ ପରେ ସୋମବର ପ୍ରଧାନ ଶିକ୍ଷକ ଭାବେ ନରସିଂହ ପ୍ରଧାନ ଯୋଗଦେଇଛନ୍ତି। ପ୍ରଧାନ ଶିକ୍ଷକ ଯୋଗଦେବା ପରେ ଅଭିଭାବକ ମହଲରେ ଖୁସୀର ଲହରୀ ଖେଳିଯାଇଛି। ପ୍ରଧାନ ଶିକ୍ଷକ ପ୍ରଧାନ ପୂର୍ବରୁ ତୁଣ୍ଡଲା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ତାଙ୍କର ଯୋଗଦାନ ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେବ ବୋଲି ଅଞ୍ଚଳବାସୀ ଆଶା କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀଛାତ୍ର ଏବଂ ଅଭିଭାବକ ପକ୍ଷରୁ ଦୀର୍ଘ ଦିନରୁ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରି ଆସୁଥିଲେ।

# ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଦାବିପତ୍ର


ଶିକ୍ଷକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବୌଦ୍ଧ,୯।୮(ସ୍ୱ.ପ୍ର.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ଜରିଆରେ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲାଶାଖା ପକ୍ଷରୁ ମିଳିତ ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମଳିତ ମଞ୍ଚର ଜିଲା ଆବାହକ ମାନଭଞ୍ଜନ ତ୍ରିପାଠୀ, ପ୍ରତାପ ରଥ, ଓଷ୍ଟା ଜିଲା ସଭାପତି ନିରୋଦ ମେହେର, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୃପ୍ତିରଞ୍ଜନ ଦାନୀଙ୍କ ସମେତ ଜିଲାର ବିଭିନ୍ନ ସ୍କୁଲ କଲେଜରୁ ପ୍ରାୟ ୫୦ ଜଣ ସଦସ୍ୟ ସାମିଲ ହୋଇ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ସହ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ପ୍ରତ୍ୟେକ ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜକୁ ଗତ ୧।୧।୨୦୧୮ ଠାରୁ ସପ୍ତମ ବେତନ ପ୍ରଦାନ କରାଯିବା, ସ୍କୁଲ ଓ କଲେଜମାନଙ୍କରେ ଥିବା ଅସଙ୍ଗତି ଦୂର କରି ଅନୁଦାନ ପାଇଁ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀଙ୍କୁ ପୂର୍ଣ୍ଣ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ପ୍ରତ୍ୟେକ ସ୍କୁଲ କଲେଜରେ ଖାଲିଥିବା ପଦବୀ ତୁରନ୍ତ ପୂରଣ ଓ ଚାକିରୀ ଅବସର ବୟସ ସୀମା ୬୦ ରୁ ୬୨ କରାଯିବାକୁ ଦାବି କରାଯାଇଛି।

# କଳାକାରଙ୍କୁ ଆର୍ଥିକ ସହାୟତା ଦାବିରେ ସ୍ମାରକପତ୍ର

ବୌଦ୍ଧ,୯।୮(ସ୍ୱ.ପ୍ର.)

କରୋନା ମହାମାରୀ ଯୋଗୁ ଦୀର୍ଘ ଦୁଇ ବର୍ଷ ହେଲା କଳାକାରମାନେ ଦୁଃଖକଷ୍ଟରେ ଘରେ ପଡିରହିଛନ୍ତି। ଫଳରେ କଳାକାରମାନେ ବର୍ତ୍ତମାନ ସ୍ଥିତିରେ ପରିବାର ପୋଷଣ ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି। ଏନେଇ ବୌଦ୍ଧ ଜିଲା ପାଲା ଓ ଦାସକାଠିଆ ସଂଘ ପକ୍ଷରୁ ଏକ ବୈଠକ ସହରର ମାତେଙ୍ଗେଶ୍ୱର ମନ୍ଦିର ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିସମୂହଗୁଡିକ ହେଲା ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଧାର୍ଯ୍ୟ ଲକ୍ଷ ୫୦ ହଜାର ତୁରନ୍ତ ପୂରଣ କରାଯାଉ, କଳାକାର ଭତ୍ତା ରାଶୀ ୩୦୦୦କୁ ବୃଦ୍ଧି କରାଯାଉ, କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ପାଲା ପ୍ରଦର୍ଶନ କରାଯାଉ, ପାଲା କଳାକାରଙ୍କୁ ଅନ୍ୟୁନ ୧୦ ଲକ୍ଷର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଉ ବୋଲି ଦାବିପତ୍ର ପ୍ରଦାନ କରିଥିଲେ। ବୈଠକରେ ସଂଘର ସମ୍ପାଦକ ବାଞ୍ଛାନିଧି ପ୍ରଧାନ, ଆବାହକ ସ୍ୱାଧୀନ କୁମାର ପରିଡା, ଗଣେଶ୍ୱର ନାଗ, ମାଧବ ରଣା, ସତ୍ୟ ପ୍ରଧାନ, ଜଗଦୀଶ ପ୍ରଧାନ, କୌସ୍ତୁଭ ମିଶ୍ର, ତ୍ରିଲୋଚନ ସେଠୀ, ନାରୟଣ ବେହେରା, ରାଜେନ୍ଦ୍ର ମହାପାତ୍ରଙ୍କ ସମତେ ଶତାଧିକ କଳାକାର ଉପସ୍ଥିତ ଥିଲେ।


କଳାକାରମାନେ ଦାବିପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

## ଚାରାରୋପଣ କାର୍ଯ୍ୟକ୍ରମ

ପଲମ, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ସରିଆଁ ଗ୍ରାମ ସାପ୍ତାହିକ ବଜାର ପଡିଆ ଓ ଖାଲିଥିବା ଗ୍ରାମ୍ୟ ଜଙ୍ଗଲଠାରେ ପାତଳି ଯୁବା ଭାରତ ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ଆନୁକୁଲ୍ୟରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମ ଦିନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ମିଳନ କୁମାର ଭୋଇ, ଉପସଭାପତି ଶୁକଦେବ ଭୋଇ, କୋଷାଧକ୍ଷ ସୋମ୍ୟ ରଞ୍ଜନ ସା, ସହସମ୍ପାଦକ ରଶ୍ମୀରଞ୍ଜନ ସା, କ୍ଲବ ସଦସ୍ୟ ପ୍ରତୁଷ କୁମାର ଭୋଇ, ଅସିମ ଭୋଇ, ସୌରଭ କୁମାର ଭୋଇ, ଗୋବିନ୍ଦ ମାଝି, ସନ୍ୟାସି ଭୋଇ, ନିରୋଜ କୁମାର ମହାପାତ୍ର ଏବଂ ଅନୁଷ୍ଠାନ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# ଦଣ୍ଡପାଟରେ ଚିତାଲାଗି ଅମାବାସ୍ୟା ପାଳିତ

ବେହେରା, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ଗାଁରେ କୃଷି ଭିତ୍ତିକ ପର୍ବ ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ପରାମ୍ପରା କରୋନା ମହାମାରୀ ଯୋଗୁ ନିରାଡମ୍ବର ଭାବେ ପାଳିତ ହୋଇଛି। ପ୍ରଥମେ ସକାଳୁ ନିତ୍ୟକ୍ରିୟା ସମାପନ କରି ଚାଷୀମାନେ ଗୁହାଳ ମଧ୍ୟରେ ଗୋମାତାଙ୍କୁ ହଳଦୀ ମିଶ୍ରିତ ଚାଉଳରେ ବନ୍ଦାପନା କରି କଞ୍ଚାକ୍ଷୀର, ନଡିଆ ଓ ପୂଜନ ସାମଗ୍ରୀ ନେଇ କ୍ଷେତକୁ ଯାଇଥାନ୍ତି। କେନ୍ଦୁ ବୃକ୍ଷକୁ କ୍ଷୀର, ଅରୁଆ ଚାଉଳ, ଦୁବପତ୍ର, ଫୁଲ ଦେଇ ବନ୍ଦାପାନା କରିଥାନ୍ତି। ସେହି ବୃକ୍ଷରୁ ଏକ ଶାଖା ନେଇ କ୍ଷେତରେ ସ୍ଥାପନା କରି ଫସଲ ରକ୍ଷା ପାଇଁ ଆରାଧନା କରିଥାନ୍ତି। ଅମାବାସ୍ୟାରେ ଗାଁଗୁଡିକରେ ଥିବା ଦେବୀ ପୀଠରେ ମଧ୍ୟ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଏ। ଦେବୀ ଦନ୍ତେଶ୍ୱରୀ, ମାଟିମାତା ଓ ଠାକୁରାନୀ ଦେବୀଙ୍କ ପୂଜା ହୋଇଥାଏ। ଏହି ଦିନରେ ଦେବୀ ସେବକ ନରିଆ ଘର ଘର ବୁଲି ଲଙ୍କା, ଆମ୍ବ କିମ୍ବା ସୁନାରୀ ଡାଳ ପତ୍ରକୁ ଘର ଆଗରେ ଖୋସି ଦିଏ। ଏହା ଦ୍ୱାରା ମଶାମାଛି, ଭୁତପ୍ରେତ ଘର ଭିତରକୁ ପ୍ରବେଶ କରିପାରେ ନାହିଁ ବୋଲି ଅଞ୍ଚଳରେ ବିଶ୍ୱାସ ରହିଛି। କମାର ମଧ୍ୟ ଘର ଘର ବୁଲି ଦୁଆର ମୁହଁରେ ଏକ ଲୁହା କିଳ ପିଟିଥାଏ। ଏହା ଦ୍ୱାରା କୌଣସି ନକାରାତ୍ମକ ପ୍ରଭାବ ଘର ଉପରେ ପଡେ ନାହିଁ ବୋଲି ବିଶ୍ୱାସ କରାଯାଏ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଶ୍ରମିକଙ୍କ ହକ, ନ୍ୟାୟ ପାଇଁ ଲଢିବାକୁ ସଙ୍କଳ୍ପ

ନୂଆପଡ଼ା ଅଫିସ,୯।୮

ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ନୂଆପଡା ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୮ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପ୍ରଦାନ କରାଯାଇଛି। ନୂଆପଡା ଏକ ଶ୍ରମିକ ସମସ୍ୟା ବହୁଳ ଦାଦନ ପ୍ରବଣ ଜିଲା। ଏଠାରେ ପ୍ରବାସୀ ଓ ଦାଦନ ଶ୍ରମିକଙ୍କ ଅନେକ ନିର୍ଯାତନା, ଶୋଷଣ ଓ କଷଣର ହୃଦୟ ବିଦାରକ କାହାଣୀ ଦେଖିବାକୁ ମିଳୁଛି। ଜିଲରେ ଲକ୍ଷାଧିକ ନିର୍ମାଣ ଶ୍ରମିକ ଅଛନ୍ତି। ସମସ୍ତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା, କାମଧନ୍ଦା ଯୋଗାଣ, ବିଭିନ୍ନ କଲ୍ୟାଣ ଯୋଜନା ଲାଗୁ କରି ଶ୍ରମିକ ପର୍ଯ୍ୟନ୍ତ ପହଞ୍ଚାଇବା, ନିର୍ଯାତିତ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା, ଦାୟୀତ୍ୱରେ ଥିବା ଶ୍ରମ ବିଭାଗ ଓ ଜିଲା ଶ୍ରମ କାର୍ଯ୍ୟାଳୟରେ ଆଦୌ କାର୍ଯ୍ୟ କରୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିପାଇଁ ଜିଲାର ସମସ୍ତ ପ୍ରମୁଖ ଶ୍ରମିକ ସଙ୍ଗଠନ ଏକଜୁଟ ହୋଇ ମହାସଂଘ ଗଠନ କରି ଶ୍ରମିକଙ୍କ ହକ ଓ ନ୍ୟାୟ ଦେବା ପାଇଁ ଲଢିବାକୁ ସଙ୍କଳ୍ପ ନେଇଥିଲେ। ଶ୍ରମିକମାନଙ୍କ ଦାବି ଓ ସମସ୍ୟା ଉପରେ ପୂର୍ବରୁ ସରକାରଙ୍କୁ ଜଣାଇଯାଇଛି ଓ ପୁଣି ଜଣାଇବା ସହିତ ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ସବୁ ଦାବି ଓ ସମସ୍ୟାର ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ କେଶବ ବେହେରା, ଶୁକ୍ଳାମ୍ବରଦ ନିଆଲ, କୋଦଣ୍ଡ ରାଉତରାୟ, ସୁଖଦେଓ ସାହୁ, ଅନିରୁଧ ନାଗ, ଜ୍ଞାନ ରଞ୍ଜନ ସାହୁ, ପ୍ରେମଲାଲ ନାଏକ, ଧର୍ମୁ ନାଏକ, ପରମାନନ୍ଦ ହଂସ, ରଶ୍ମି ରଞ୍ଜନ ରଣା, ଉଗ୍ରେସନ ମାଝି, ଚନ୍ଦ୍ରକାନ୍ତ ମାଝି, ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ରହିଥିଲେ।


ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୦ ଅଗଷ୍ଟ, ୨୦୨୧

**ବୀରମହାରାଜପୁରରେ ବିଜୁ ଛାତ୍ର ଜନତା ଦଳର ବୈଠକ**

ଅମରପାଲି (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ବ୍ଲକ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲା ପରିଷଦ ଆଶୁତୋଷ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ ମିଶ୍ର, ବ୍ଲକ ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ବୈଠକରେ ବିଜେଡିର ସାଙ୍ଗଠନିକ ବିକାଶ ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଆଲୋଚନା ହୋଇଥିଲା।



## ସଂକ୍ଷେପରେ

### ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଅ

ଜାମଟିକ୍ରା,୯।୮ (ଡି.ଏନ.ଏ): ଅତାବିରା ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉନାହିଁ। ଏଭଳି ଅଭିଯୋଗ କରି ଭାଜପାର ଏକ ପ୍ରତିନିଧି ଦଳ ସୋମବାର ପୂର୍ବାହ୍ନ ୧୧ଟାରେ ଅତାବିରା ବ୍ଲକ ଅଫିସ୍‌ରେ ବିଡିଓ ବିଶ୍ୱନାଥ ସାହୁଙ୍କ ସହ ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଘର ଦେବାକୁ ସେମାନେ ଦାବି କରିଥିଲେ। ଏହାଛଡା ପିଇବା ପାଣି ଓ ଭତ୍ତା ସମସ୍ୟା ଉପସ୍ଥାପନା କରାଯାଇଥିଲା। ଆଲୋଚନା ସମୟରେ ଏମ୍‌ପି ପ୍ରତିନିଧି ସୁନନ୍ଦା ମେହେର, ଜିଲା ଉପସଭାପତି ସୁଶାନ୍ତ ମିଶ୍ର, ଇଂ. ଭରତ ବେହେରା, ଯୁବମୋର୍ଚ୍ଚା ଜିଲା ଉପସଭାପତି ନିରୋଜ ବାରିକ, ଜିଲା ସମ୍ପାଦକ ଯଶୋବନ୍ତ ସେଠ, ମଣ୍ଡଳ ସଭାପତି ଭୀମସେନ ମଲ୍ଲିକ, ତାସୁ ବାବୁ, ଜିତୁ ଭୋଇ ପ୍ରମୁଖ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

### ଅସହାୟ ବୃଦ୍ଧାଙ୍କୁ ବୃଦ୍ଧାଶ୍ରମରେ ପହଞ୍ଚାଇଲେ ସ୍ୱେଚ୍ଛାସେବୀ

ଦେଓଗାଁ,୯।୮ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାରାସ୍ତାକଡରେ ଅସହାୟ ଅବସ୍ଥାରେ ବସି ରହିଥିବା ଜଣେ ବୃଦ୍ଧାଙ୍କୁ ସୋମବାର ଉଦ୍ଧାର କରି କେତେକ ସ୍ୱେଚ୍ଛାସେବୀ ସାଲେପାଲି ଜରାନିବାସରେ ଥଇଥାନ କରିଛନ୍ତି। ବୃଦ୍ଧା ଜଣକ ଅସହାୟ ଅବସ୍ଥାରେ ବସି ରହିଥିବା ବେଳେ ସେହି ରାସ୍ତାଦେଇ ଯାଉଥିବା ସ୍ୱେଚ୍ଛାସେବୀ ପ୍ରଭାତ କୁମାର ମହାନନ୍ଦଙ୍କ ଦୃଷ୍ଟିକୁ ଆସିଥିଲେ। ପଚରାଉଚରା ପରେ ତାଙ୍କର କେହି ନ ଥିବା ଜାଣି ତାଙ୍କୁ କିଛି ଖାଦ୍ୟ ଖାଇବାକୁ ଦେଇଥିଲେ। ପରେ ଦେଓଗାଁ ବ୍ଲକକୁ ଆଣି ବିଡିଓ ମୂରଲୀଧର ନାଏକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ଧପଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ବାଗଙ୍କ ସହଯୋଗରେ ବୃଦ୍ଧାଙ୍କୁ ଜରାନିବାସକୁ ନେଇଥିଲେ। ଏହି କାର୍ଯ୍ୟରେ ନିତ୍ୟାନନ୍ଦ ଷଡଙ୍ଗୀ, ଶିବ ପ୍ରସାଦ ନାଗ, ଚକ୍ରଧର ନନ୍ଦ, ପୁଲବାବୁ ମିର୍ଦ୍ଧା, ପିଙ୍କୁ ଷାଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

### ଶାଗୁଆନ ଗଣ୍ଡି ଜବତ



ଲାଠୋର, ୯।୮ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ବନ ବିଭାଗ ରବିବାର ଦୁଇଟି ସ୍ଥାନରେ ଚଢାଉ କରି ଶାଳ, ଶାଗୁଆନ ଗଣ୍ଡି ଓ ସାଇଜ କାଠ ସହ ଏକ ଅଟୋ ଜବତ କରିଛି। ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଏକ ଅଟୋ (ନଂ ଓଡି-୨୬-ବି-୯୬୬୨)ଯୋଗେ ଶାଗୁଆନ ପଟ୍ଟା ତେତେଲଖଣ୍ଡିରୁ ଆସୁଥିବା ବେଳେ ଲାଠୋର ସେକ୍ସନ ହଲନଭଟାରେ ଧରାପଡିଥିଲା। ପଟ୍ଟା ଏବଂ ଅଟୋକୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ କୁବେର ମାଝୀ (୪୫) ଓ ପୂର୍ଣ୍ଣ ତାଣ୍ଡି (୫୬)ଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଏନେଇ ଲାଠୋର ରେଞ୍ଜରେ ଏକ ମାମଲା(ନଂ ୫୬/୨୧)ରୁଜୁ ହୋଇଛି। ସେହିପରି ବେଦ୍ଦେର ସେକ୍ସନ ଅଧୀନ ଭାଲୁଡୁଆ ଗ୍ରାମର ରୂପଧର ଶ୍ରୀଧରଙ୍କ ଘରେ ଚଢାଉ କରି ବେଆଇନ ଭାବେ ମହଜୁଦ ରଖିଥିବା ଶାଗୁଆନ ଗଣ୍ଡି ଏବଂ ରେଙ୍ଗାଲ କଡି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ରୂପଧରଙ୍କ ବିରୋଧରେ ଏକ ମାମଲା(ନଂ.୫୫/୨୧)ରୁଜୁ କରି ସୋମବାର କୋର୍ଟଚାଲାଣ କରାଯାଇଛି। ଚଢାଉରେ ରେଞ୍ଜର ପ୍ରଭାତୀ ସେଠଙ୍କ ସହ ଫରେଷ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଖପ୍ରାଖୋଲ, ୯।୮ (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ଧର୍ମପ୍ରାଣା ମହିଳା ହିମାଦ୍ରି ମିଶ୍ର (୫୮)ଙ୍କ ସୋମବାର ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କ ମର ଶରୀରକୁ ଧଣ୍ଡାମୁଣ୍ଡା ଶ୍ମଶାନରେ ସତ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ସଞ୍ଜୀବ ମିଶ୍ର ମୁଖାଗ୍ନି ଦେଇଥିଲେ। ସାନ ପୁଅ ସରୋଜ, ସ୍ୱାମୀ ବିଜୟ ମିଶ୍ର, ଝିଅ, ଜ୍ୱାଇଁ, ନାତୀ ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି ମୃତା ଖପ୍ରାଖୋଲ ପ୍ରେସ୍ କ୍ଲବ ସଭାପତି ବିଜୟ ମିଶ୍ରଙ୍କ ଧର୍ମପତ୍ନୀ ଅଟନ୍ତି।

# ଦଖଲଭୁକ୍ତ ଜମିର ଆର୍‌ଓଆର୍ ଦିଅ

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

- କୁଳପତି, ରେଜିଷ୍ଟ୍ରାରଙ୍କୁ ଭେଟିଲେ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ
- ୟୁଜିସି ୧୨ (ବି) ସ୍ୱୀକୃତି ପାଇଁ ଜମିପଟ୍ଟା, ଷ୍ଟାଫ୍ ଆବଶ୍ୟକ
- ଜବରଦଖଲ ମୁକ୍ତ କର, ୧୫୦ ଏକର ଜମି ଯୋଗାଅ
- ରାଜ୍ୟ ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଲୋଡ଼ିଲେ

ବଲାଙ୍ଗୀର ଅଫିସ, ୯।୮

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ଅଧିନିୟମ ୧୯୫୬ ଧାରା ୧୨(ବି) ସ୍ୱୀକୃତି ମିଳିନାହିଁ। ଏହି ସ୍ୱୀକୃତି ପାଇବାକୁ ହେଲେ ଏହି ଶିକ୍ଷାନୁଷ୍ଠାନର ଆବଶ୍ୟକ ଜମିପଟ୍ଟା, ଶିକ୍ଷକ ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନୟନର ଆବଶ୍ୟକତା ରହିଛି। କିଛିଦିନ ତଳେ ଏହି ଶିକ୍ଷାନୁଷ୍ଠାନକୁ ୟୁଜିସି ୨ (ଏଫ୍) ମାନ୍ୟତା ଦେଇଥିଲା ଓ ଏହା ୟୁଜିସି ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟ ଦଖଲରେ ଏବେ ୪୯ ଏକର ଜମି ରହିଥିଲେ ମଧ ଜମିପଟ୍ଟା ନାହିଁ। ଆବଶ୍ୟକ ଜମିପଟ୍ଟା, ଶିକ୍ଷକ ନିଯୁକ୍ତି ଓ ଭିତ୍ତିଭୂମି ନହେଲେ ୟୁଜିସି ଅଧିନିୟମ ୧୯୫୬ର ଧାରା ୧୨ (ବି) ମାନଦଣ୍ଡ ପୂରଣ ହେବନାହିଁ। ଏହା ନହେଲେ ଏହି ବିଶ୍ୱବିଦ୍ୟାଳୟ ୟୁଜିସି ଅନୁଦାନ ପାଇବ ନାହିଁ।

ଏନେଇ ଧରିତ୍ରୀରେ କ୍ରମାଗତ ଖବର ପରିବେଷଣ ପରେ ସୋମବାର ଏହି ଶିକ୍ଷାନୁଷ୍ଠାନର ଏକ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, ରେଜିଷ୍ଟ୍ରାର ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ରଙ୍କୁ ଭେଟି ଆଲୋଚନା କରିଥିଲେ। ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀରେ ସଙ୍ଗଠକ ଅସୀମ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଓ ରେଜିଷ୍ଟ୍ରାରଙ୍କ ସହ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି।

ପଟ୍ଟନାୟକ, ଜିଲା ଓକିଲ ସଂଘ ସଭାପତି ପ୍ରବୀଣ ମିଶ୍ର, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ଓ ସୁରାଲି ମହାନ୍ତି ଉପସ୍ଥିତ ଥିଲେ। ଆଲୋଚନାରେ କୁଳପତି ପ୍ରଫେସର ମହାପାତ୍ର ସ୍ପଷ୍ଟ କରିଥିଲେ ଯେ, ୟୁଜିସି ଅଧିନିୟମ ଧାରା ୧୨ (ବି) ସ୍ୱୀକୃତି ପାଇବାକୁ ହେଲେ ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟାର ଆବଶ୍ୟକତା ରହିଛି। ଏହା ସହିତ ଅତି କମ୍‌ରେ ୩୦ଟି ପ୍ରଫେସର ପଦବୀ ପୂରଣ ହେବା ଜରୁରୀ। ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଅତିରିକ୍ତ ୧୦୦ଏକର ଜମିର ଆବଶ୍ୟକତା ରହିଛି। ଗବେଷଣା ଓ ଅଧ୍ୟୟନ ପାଇଁ କ୍ୟାମ୍ପସ ଉନ୍ନୟନର ଆବଶ୍ୟକତା ରହିଛି। ଏବେ ୨୫ କୋଟି ଟଙ୍କାରେ ଆଡମିନିଷ୍ଟ୍ରେଟିଭ କୋଠା ତିଆରି କରାଯିବ। ଭଲ ଲାଇବ୍ରେରୀ, ଅଡିଟରିୟମ, ହଷ୍ଟେଲ ଓ ଡାକବଙ୍ଗଳା ତିଆରି କରାଯିବା ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ପ୍ରତିନିଧି ମଣ୍ଡଳୀ ସଦସ୍ୟମାନେ କହିଥିଲେ ଯେ, ବିଶ୍ୱବିଦ୍ୟାଳୟ ଦଖଲରେ ପ୍ରାୟ ୬୨ ଏକର ଜମି ରହିଛି। ସେଥିରୁ କିଛି ଜମିରେ ଗାନ୍ଧୀ ଷ୍ଟାଡିୟମ ଓ କେତେକ ଲୋକ ଘର କରିଛନ୍ତି। ବିଶ୍ୱବିଦ୍ୟାଳୟ ଦଖଲରେ ବର୍ତ୍ତମାନ ବାସ୍ତବରେ କେତେ ଜମି ଅଛି ତାହା ଜଣାପଡୁନାହିଁ। ଏ ସଂକ୍ରାନ୍ତରେ ପ୍ରତିନିଧି ମଣ୍ଡଳୀ ଜିଲାପାଳ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସ୍ଥାନୀୟ ଜନପ୍ରତିନିଧିଙ୍କୁ ଭେଟି ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ୧୫୦ ଏକର ଜମି ଓ ଜମିପଟ୍ଟା (ଆରଓଆର) ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିବ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନ ପାଇଁ ଜମିପଟ୍ଟା ଆବଶ୍ୟକ ହୋଇଥିବାରୁ ରାଜ୍ୟ ସରକାର ସିଧାସଳଖ ହସ୍ତକ୍ଷେପ କରିବା ଉପରେ ଆଲୋଚନା ହୋଇଥିଲା। କଲେଜ ନିକଟରେ ଦଖଲଭୁକ୍ତ ଜମି ସମେତ ୬୬ ଏକର ଜମି ଚିହ୍ନଟ ହୋଇଛି। ସେଣ୍ଟ୍ରାଲ ସ୍କୁଲ ନିକଟରେ ପ୍ରାୟ ୨୬ ଏକର ଓ ଧୁମାମରା-ପଥରଚେପା ପାଖରେ ପ୍ରାୟ ୩୩ ଏକର ଜମି ରହିଛି। ଗୋଟିଏ କ୍ୟାମ୍ପସରେ ଜମି ମିଳିଲେ ସୁବିଧା ହେବ। ଜମିପଟ୍ଟା ଯେତେଶୀଘ୍ର ମିଳିବ ୟୁଜିସି ଅନୁଦାନ ପାଇଁ ସେତେଶୀଘ୍ର ଆବେଦନ କରାଯାଇପାରିବ। ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ କରି ଜମିପଟ୍ଟା ସଂକ୍ରାନ୍ତରେ ଆଲୋଚନା କରିବ। ଆଲୋଚନାରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଅକ୍ଷୟ କୁମାର ମିଶ୍ର, ବିଶ୍ୱବିଦ୍ୟାଳୟ ବିକାଶ ପରାମର୍ଶଦାତା ପବିତ୍ର ମୋହନ ଦେବତା ଓ ହିନ୍ଦୀ ବିଭାଗ ରିଡର ଡ. ସଞ୍ଜୟ କୁମାର ସିଂ ଉପସ୍ଥିତ ଥିଲେ।

### ଚିକିତ୍ସା ଅଭାବରୁ କ୍ୟାନସର ଆକ୍ରାନ୍ତ ଯୁବକ ମୃତ

**ମିଳିଲାନି ସରକାରୀ ସହାୟତା**

ଅମରପାଲି,୯।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଗୌଡଗାଡ ଗ୍ରାମର ଜଣେ କ୍ୟାନସର ଆକ୍ରାନ୍ତ ଯୁବକଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେଶ ଜଗତ (୧୭)। ଗରିବ ଆଦିବାସୀ ପରିବାରର ରାଜେଶଙ୍କ ଅର୍ଥାଭାବରୁ ଉଚ୍ଚ ଚିକିତ୍ସା ହୋଇପାରି ନ ଥିଲା। ଗତ ଅକ୍ଟୋବର ମାସରେ ପେଟ ଯନ୍ତ୍ରଣା ହେବାରୁ ଇନ୍ଦ୍ର ଜଗତଙ୍କ ବଡପୁଅ ଜଗତ ଚିକିତ୍ସା ପାଇଁ ବୁର୍ଲା ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ପରେ ତାଙ୍କୁ କ୍ୟାନସର ହୋଇଥିବା ଡାକ୍ତର କହିଥିଲେ। ଅପରେଶନ ପାଇଁ ଜମି, ସୁନା ବିକ୍ରି କରିବାକୁ ପଡିଥିଲା। କେତେକ ବଦାନ୍ୟ ବ୍ୟକ୍ତି ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେଇଥିଲେ ମଧ୍ୟ ସରକାରୀଭାବେ କୌଣସି ଆର୍ଥିକ ସହାୟତା ମିଳିପାରି ନ ଥିଲା। ତେଣୁ ରାଜେଶ ଉଚ୍ଚ ଚିକିତ୍ସା ହୋଇପାରି ନ ଥିଲା। ମୃତ୍ୟୁ ପର୍ଯ୍ୟନ୍ତ ସେ ଘରେ ପଡି ରହିଥିଲେ। ଇନ୍ଦ୍ର ଜଗତ ଏବେ କୁଲି ମଜୁରି କରି ଏବେ ପରିବାର ଚଳାଉଛନ୍ତି। ସରକାର ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥା କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ରାଜେଶଙ୍କୁ ସରକାରୀ ସହାୟତା ମିଳି ନ ଥିଲା। ଉକ୍ତ ପରିବାରକୁ ଏବେ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## କଳାକାରଙ୍କ ବିକ୍ଷୋଭ ଶୋଭାଯାତ୍ରା




ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ବିକ୍ଷୋଭ ଶୋଭାଯାତ୍ରା।

ବରଗଡ଼ ଅଫିସ୍,୯।୮

କରୋନା କାଳରେ କଳାକାରଙ୍କ ଜୀବନ, ଜୀବିକା ଦୁର୍ବିସହ ହୋଇପଡ଼ିଛି। କଳାକାରଙ୍କୁ ସହାୟତା ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଉଥିଲେ ସୁଦ୍ଧା ତାହା ପାଣିର ଗାର ପାଲଟିଛି। ଫଳରେ କଳାକାର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରତ୍ୟେକ କଳାକାରଙ୍କୁ ଅନ୍ତତଃ ୬ ମାସ ପାଇଁ ୫ହଜାର ଟଙ୍କା କୋଭିଡ୍ ସହାୟତା, ମାସିକ ଭତ୍ତାକୁ ୧୨୦୦ରୁ ୩ହଜାର ଟଙ୍କାକୁ ବୃଦ୍ଧି, ଋଣ ପ୍ରଦାନ, ଯାତ୍ରା ପରିବେଷଣ ପାଇଁ ନାଇଟ୍ କର୍ଫ୍ୟୁ ହଟାଇବା ଆଦି ଦାବି କରାଯାଇଥିଲା। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କଳାକାରମାନେ ସ୍ଥାନୀୟ କଳାକାର ଭବନରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସକୁ ପହଞ୍ଚିବା ପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୟାନିଧି ପ୍ରଧାନ, ଶଙ୍କର ପଟ୍ଟନାୟକ, ବାସୁଦେବ ପ୍ରଧାନ, ଭୁବନ ଭୋଇ, ଜଗଦାନନ୍ଦ ମିଶ୍ର, ଦେବେନ୍ଦ୍ର ସାହୁ, ଜଟାଧାରୀ ପ୍ରଧାନ, ପଞ୍ଚାନନ ମହାପାତ୍ର, ରାଜେଶ ବାରିକ, ଅନିରୁଦ୍ଧ ପାଇକ, ଆଦିତ୍ୟ ପଣ୍ଡା, ନରେନ୍ଦ୍ର କଣ୍ଟା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### କୃଷିବୀମାରେ ଚଞ୍ଚକତା: ୩ ଗିରଫ

କଣ୍ଟାବାଞ୍ଜି, ୯।୮ (ଡି.ଏନ.ଏ.)

୨୦୨୧-୨୨ ଫସଲ ବୀମା ଯୋଜନାରେ ଅନ୍ୟଜମିକୁ ନିଜର ଦର୍ଶାଇ କୃଷିବୀମା କରିବା ଅଭିଯୋଗରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ତଦନ୍ତ ଜାରି ରଖିଛି। ଥାନା ଅନ୍ତର୍ଗତ ଡଙ୍ଗାମରା ଗାଁର ଛବିମନୁ ପୁଟେଲଙ୍କ ଅଭିଯୋଗକ୍ରମେ ଚାଉଲସୁଖାର ଦୁଇ ଜଣ ନକଲି ଚାଷୀ ଯୁଦ୍ଧପତି ମେହେର, ପ୍ରହ୍ଲାଦ ମେହେରଙ୍କ ସହ ସେହି ଗ୍ରାମର ଗ୍ରାହକ ସେବା କେନ୍ଦ୍ର(ସିଏସସି) ପରିଚାଳକ ବୈଲୋଚନ ମେହେରଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାଙ୍କୁ କଣ୍ଟାବାଞ୍ଜି ସବଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୭୬/୨୧) ରୁଜୁ ହୋଇଛି। ଏଥିପୂର୍ବରୁ ବୁଧବାର ୩ଜଣ ଚଞ୍ଚକତାକାରୀ ନକଲି ଚାଷୀ ଦେବେନ୍ଦ୍ର ମେହେର, ବିଶିକେଶନ ମେହେର ଓ ଅର୍ଜୁନ ମେହେରକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନୁରୂପ ଭାବେ ଗତ ରବିବାର ପୋଲିସ ଆଉ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାବାଞ୍ଜି ରୋଡ ନଂ. ୪ ର ସଞ୍ଜୟ କୁମାର ପଣ୍ଡା, ମୁରିବାହାଲ ବ୍ଲକ ବଡସାଇମରାର ନିରଞ୍ଜନ ମେହେର, ବଙ୍ଗୋମୁଣ୍ଡା ବ୍ଲକ ବେଲପଡାର ଜିତେନ୍ଦ୍ର ବେହେରା।

## କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଞ୍ଚକତା**

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଏହି ଯୋଜନାରେ ଚଞ୍ଚକତା ଯୋଗୁ ଅନେକ ସମୟରେ ଚାଷୀ ସୁଫଳ ପାଇ ପାରୁନାହାନ୍ତି। ବିଭିନ୍ନ ଆଳ କରି ଚାଷୀଙ୍କୁ ସେମାନଙ୍କ ବୀମା କ୍ଷତିପୂରଣ ଦିଆଯାଉନାହିଁ। ଏଭଳି ଅଭିଯୋଗ କରି ସୋମବାର ବରଗଡ଼ ଜିଲା ସଙ୍ଗଠନ ସମନ୍ୱୟ ସମିତି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲା। ଚାଷୀଙ୍କ ବାରମ୍ବାର ନିବେଦନ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଗତବର୍ଷ ଖରିଫ୍ ଫସଲର ଏୱାଇ(ଆକ୍‌ଚୁଆଲ ୟିଲ୍ଡ) ଏବଂ ଟିୱାଇ(ଥ୍ରେସହୋଲ୍ଡ ୟିଲ୍ଡ) ତଥ୍ୟ ସାର୍ବଜନୀନ କରାଯାଉନାହିଁ ବୋଲି ଚାଷୀ ସଙ୍ଗଠନ ଅଭିଯୋଗ କରିଥିଲା। ଆସନ୍ତା ୭ଦିନ ମଧ୍ୟରେ ସେହି ତଥ୍ୟ ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ମହାରଣା ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ କୃଷି କାର୍ଯ୍ୟାଳୟ ଘେରାଉରୁ ଓହରିଥିଲେ।

ପ୍ରକାଶ ଯେ, ଗତବର୍ଷ ଖରିଫ ଋତୁରେ ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଫସଲକ୍ଷତି ହୋଇଥିଲା। ବୀମା କ୍ଷତିପୂରଣ ପାଇଲେ ସେହିକ୍ଷତି କିଛିକାଂଶ ଭରଣା ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗତ ଖରିଫ୍‌ର ଏୱାଇ, ଟିୱାଇ ତଥ୍ୟ ଉଦ୍ଦିଷ୍ଟ ପୋର୍ଟାଲରେ ଅପ୍‌ଲୋଡ୍ ହୋଇନାହିଁ। ଅନ୍ୟପଟେ କେତେକ ଚାଷୀଙ୍କୁ ବୀମା କ୍ଷତିପୂରଣ ଦିଆଯାଇଛି। ଏୱାଇ, ଟିୱାଇ ତଥ୍ୟ ଗୋପନୀୟ ରଖାଯାଇଥିବାରୁ ବୀମା କ୍ଷତିପୂରଣରେ ଚଞ୍ଚକତା ହୋଇଥିବା ଚାଷୀ ସଙ୍ଗଠନ ସନ୍ଦେହ କରିଛି। ଏହି ତଥ୍ୟ ସାର୍ବଜନୀନ କରିବା ପାଇଁ ଗତ ଜୁନ୍ ୧୭ରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସଙ୍ଗଠନ ଫେରାଦ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ତଥ୍ୟ ଲୋକଲୋଚନକୁ ଅଣାଯାଇନାହିଁ। ଏହାର ପ୍ରତିବାଦରେ ଚାଷୀ ସଙ୍ଗଠନ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସକୁ ଘେରାଉ କରିଥିଲା। ସଙ୍ଗଠନ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ଶକୁନ୍ତଳା ମହାପାତ୍ର, ଲକ୍ଷପତି ସାହୁ, ଯଦୁମଣି ପଟେଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ଚାଷୀ ପ୍ରତିନିଧିମାନେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସକୁ ଘେରାଉ କରିଛନ୍ତି।

# ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା କର

ଲୋଇସିଂହା,୯।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ସୋମବାର ପ୍ରଦାନ କରାଯାଇଛି। ୨୦ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକର ମୋଟ ଜନସଂଖ୍ୟାର ୩୦ ପ୍ରତିଶତ ଆଦିବାସୀ। ହେଲେ ବିଡମ୍ବନାର ବିଷୟ ଏହିକି ଯେ, ମୌଳିକ ଅଧିକାର ଏବଂ ଆଇନଗତ ଅଧିକାରରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି। ଆଦିବାସୀଙ୍କ ଭାଷା, ସଂସ୍କୃତି ଧର୍ମ ତଥା ଦେବଦେବୀ ପୀଠର ସୁରକ୍ଷା, ମାନବିକ ଅଧିକାର ସୁରକ୍ଷା, କରୋନା ମହାମାରୀ ପାଇଁ ପରିବାର ପ୍ରତି ୧୦ହଜାର ସ୍ୱତନ୍ତ୍ର ପ୍ୟାକେଜ, ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା କରିବା ପ୍ରମୁଖ ଦାବିଗୁଡିକ ମଧ୍ୟରେ ରହିଛି। ଏଥିପୂର୍ବରୁ ଆଦିବାସୀ ଭବନଠାରେ ବ୍ଲକ ସଭାପତି କାହ୍ନୁ ପଧାନଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଦିବସ ପାଳିତ ହୋଇଥିଲା। ପରେ ଗୋପାଳ ପଧାନ, ଶ୍ୟାମସୁନ୍ଦର ଭୋଇ, ବଳଦେବ ଭୋଇ, ଦଶରଥ ଛତ୍ରିଆ, ରୁକ୍ମିଣୀ ଧରୁଆ, ନେପାଳ ବର୍ଗେଙ୍କ ନେତୃତ୍ୱରେ ଆଦିବାସୀ ଭବନରୁ ଏକ ରାଲିରେ ଆଦିବାସୀମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ଦେଇଥିଲେ।



ଲୋଇସିଂହା ବିଡିଓଙ୍କୁ ଆଦିବାସୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଆଦିବାସୀଙ୍କ ବିକାଶ ଉପରେ ଗୁରୁତ୍ୱ

ଦେଓଗାଁ,୯।୮ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ସୋମବାର ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱ ଓ ରୁପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ଦାଶରଥି ଭୋଇ, ଗଞ୍ଜିଆ ଭୋଇ, ମହେନ୍ଦ୍ର ମଲ୍ଲିକ, ପୀତାମ୍ବର ପ୍ରଧାନୀ, ମକାରୁ କାଲସାଏ ଯୋଗଦେଇଥିଲେ। ଏହି ଅବସରରେ ଆଦିବାସୀଙ୍କ ପାରମ୍ପରିକ କଳା, ସଂସ୍କୃତି, ଭାଷା ଓ ଶିକ୍ଷାର ବିକାଶ ଦିଗରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମହିଳାନେତ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆ ଯୋଗଦେଇ ପ୍ରତ୍ୟେକ ପରିବାରରେ ମହିଳାମାନେ ନିଜ ସନ୍ତାନଙ୍କୁ ଶିକ୍ଷାକ୍ଷେତ୍ରରେ ପ୍ରୋତ୍ସାହିତ କଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ବ୍ଲକର ଖଲିଆପାଲି, ଦେଓଗାଁ ଓ ଖଗସିଙ୍କନାର ମାଲିଗୁଛା ନିକଟରେ ଆଦିବାସୀ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା।

## ଆଦିବାସୀ ସଂଘର ୭ଦଫା ଦାବିପତ୍ର

ମୁରିବାହାଲ, ୯।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ଅଗଷ୍ଟ ୯ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ମାନ୍ୟତା ଦେବା ସହ ସରକାରୀ ଛୁଟି ଘୋଷଣା କରିବାକୁ ଦାବି କରିଛି ଆଦିବାସୀ କଲ୍ୟାଣ ସଂଘ। ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ବିଭୂତି ସେଠଙ୍କୁ ପ୍ରଦାନ କରାଯାଇଛି। ପ୍ରମୁଖ ଦାବିଗୁଡିକ ମଧରେ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ମାନ୍ୟତା ସହ ଛୁଟି ଘୋଷଣା, ବ୍ଲକର ମାଡା ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତାର ସୁବ୍ୟବସ୍ଥା, ଆଦିବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଆଦି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ କଲ୍ୟାଣ ସଂଘର ଭୁବନ ମାଝୀ, କୈଳାସ ପ୍ରଧାନୀ, ହୁଙ୍କାର ଜାନୀ, ଲକ୍ଷ୍ମୀ ମାଝୀ, ପତରଙ୍ଗ ମାଝୀ, ନୁରା ମାଝୀ, ପରିକ୍ଷିତ ଭୋଇ, ଯୁଧିଷ୍ଠିର ଭୋଇ, ନାଥହାଡି ଖୋଜିଆ, ବିନୋଦ ଭୋଇ, ଜୟକିଶନ ଜାନୀ, ଖୁସିରାମ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଏଥିପୂର୍ବରୁ ମୁରିବାହାଲ ରେଲୱେ ଷ୍ଟେଶନ ନିକଟରେ ଇଷ୍ଟଦେବୀ ଯାଏଡ ବୁଢ଼ାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ଘିମାନନ୍ଦ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ପୂର୍ବତନ ଜିଲା ପରିଷଦ ସଭ୍ୟ ଈଶ୍ୱର ଭୋଇ ଉପସ୍ଥିତ ରହି ଆଦିବାସୀଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ।



ମୁରିବାହାଲ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୦ ଅଗଷ୍ଟ, ୨୦୨୧

## କବି, ସାହିତ୍ୟିକ ମନୋରଞ୍ଜନ ମିଶ୍ରଙ୍କ ପରଲୋକ

ବୌଦ୍ଧ(ସ୍ୱ.ପ୍ର): ବୌଦ୍ଧର ବରିଷ୍ଠ ସାମ୍ବାଦିକ ତଥା କବି, ସାହିତ୍ୟିକ ମନୋରଞ୍ଜନ ମିଶ୍ରଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ସୋମବାର ସାନ୍ଧ୍ୟଭ୍ରମଣ କରୁଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘରକୁ ଫେରି ଗୁରୁତର ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ଘୋଷଣା କରିଥିଲେ। ସ୍ୱର୍ଗତ ମିଶ୍ର ଜିଲା ସାମ୍ବାଦିକ ସଂଘର ସଭାପତି ଭାବରେ ଦାୟିତ୍ୱ ତୁଲାଇବା ସହିତ ସେ ସମସ୍ତ ସହକର୍ମୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସହରରେ ଯେକୌଣସି କବିତା ଆସର ହେଉକି ସାହିତ୍ୟ ସଭା କିମ୍ବା ସରକାରୀ ସଭା ସମିତି ସବୁଠି ତାଙ୍କର ଉପସ୍ଥିତି ରହୁଥିଲା।



## ସଂକ୍ଷେପରେ

### କୁଳୁତା ସମାଜର ବାର୍ଷିକ ବୈଠକ

**ବଲାଙ୍ଗୀର ଅଫିସ, ୯।୮:** ବଲାଙ୍ଗୀର କୁଳୁତା ସମାଜ ସଭାପତି ସୁରଥ ପଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ଯାଦବ ଭବନଠାରେ ସୋମବାର ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତିଙ୍କ ବାର୍ତ୍ତା ପରେ ସମ୍ପାଦକ ଶାନ୍ତନୁ କୁମାର ପାତ୍ରଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ସଙ୍ଗଠନ ବିରୋଧୀ କାର୍ଯ୍ୟ କରୁଥିବା କର୍ମକର୍ତ୍ତାଙ୍କୁ ଭବିଷ୍ୟତରେ ସାମାଜିକ କାର୍ଯ୍ୟରେ ଅଂଶୀଦାର ନ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉପଦେଷ୍ଟା ସଦସ୍ୟ ରାସବିହାରୀ ମାଝି, ତ୍ରିଲୋଚନ ସାହୁ, ମଧୁ ସାହୁ, ଶାନ୍ତନୁ କୁମାର ଭୋଇ, ଉମେଶ ପଧାନ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ପଦ୍ମନାଭ ଭୋଇଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାଭାବେ ସୁରଥ ପଧାନ ସଭାପତି, ଶାନ୍ତନୁ କୁମାର ଭୋଇ ସମ୍ପାଦକ, ରାମଚନ୍ଦ୍ର ଭୋଇ ସହସମ୍ପାଦକ, ଗୋବର୍ଦ୍ଧନ ପ୍ରଧାନ କୋଷାଧକ୍ଷ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟଭାବେ କୁଳମଣି ବିଶ୍ୱାଳ, ପ୍ରହ୍ଲାଦ ଭୋଇ, ମଧୁ ସାହୁ, ବିକାଶ ରଂଜନ ବାରିକ, ସୁନୀଲ କୁମାର ମାଝି ଓ ଉପଦେଷ୍ଟା ସଦସ୍ୟ ରାହସ ବିହାରୀ ମାଝି, ତ୍ରିଲୋଚନ ସାହୁ ଓ ଯାଦବ ଚନ୍ଦ୍ର ଭୋଇଙ୍କୁ ମନୋନୟନ କରାଯାଇଛି। ଯୁବ ସଂଗଠନ ନିମନ୍ତେ ୟୁଥ୍ କୋଅର୍ଡିନେଟର ଭାବେ ସୁଦର୍ଶନ ସାହୁ, ସଭ୍ଯ ନେତ୍ରାନନ୍ଦ ପଧାନ, ରୋହିନ ରଞ୍ଜନ ସାହୁ, ଲକ୍ଷ୍ମଣ ବିଶ୍ୱାଳ, ନିରଞ୍ଜନ ଗଡତ୍ୟା, ଲଳିତ ପଧାନ ଓ ଆକାଶ ପଧାନଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ମନୋନୀତ କରାଯାଇଥିଲା। ସମାଜ ମିଡିଆ ସେଲ ପରିଚାଳକ ଭାବେ ବିଭୁ କଲ୍ୟାଣ ଗଡତ୍ୟାଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚିତ ପ୍ରତିନିଧିମାନଙ୍କୁ ରାହସ ବିହାରୀ ମାଝି ଶପଥ ପାଠ କରାଇଥିଲେ।

### ଆଜିଠାରୁ କୋଭିଡ୍ ନିୟମାନୁଯାୟୀ ଖୋଲିବ ସମସ୍ତ ଧର୍ମାନୁଷ୍ଠାନ

**ଭବାନୀପାଟଣା, ୯।୮ (ସ୍ୱ.ପ୍ର.):** କଳାହାଣ୍ଡି ଜିଲାରେ ମଙ୍ଗଳବାରଠାରୁ କୋଭିଡ୍ ନିୟାମାନୁଯାୟୀ ସମସ୍ତ ଧର୍ମନୁଷ୍ଠାନ ଖୋଲିବ। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ରିଲିଫ୍‌କ ମିଶନରଙ୍କ ପତ୍ର ସଂଖ୍ୟା -୪୨୯୦

**କଳାହାଣ୍ଡି ଜିଲା**

ତା ୩୧।୭।୨୦୨୧ ଗାଇଡ୍ ଲାଇନ ଅନୁଯାୟୀ ମଙ୍ଗଳବାରଠାରୁ ଜିଲାର ସମସ୍ତ ଧର୍ମନୁଷ୍ଠାନ ଭକ୍ତଙ୍କ ପାଇଁ ଖୋଲାଯିବ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ମନ୍ଦିର/ଧର୍ମାନୁଷ୍ଠାନ କୋଭିଡ୍ ନିୟମ ପାଳନ କରି ସମସ୍ତ ଧର୍ମନୁଷ୍ଠାନ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲା ରହିବ। ସମସ୍ତ ପ୍ରକାର ସାମାଜିକ ଦୂରତା, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରି ଭକ୍ତ ଧର୍ମନୁଷ୍ଠାନକୁ ପ୍ରବେଶ କରିପାରିବେ। ସେହିପରି ଧର୍ମାନୁଷ୍ଠାନ/ମନ୍ଦିରରେ କୌଣସି ପ୍ରସାଦ ସେବନ ତଥା ଭୋଜିଭାତ ବ୍ୟବସ୍ଥା କରାଯିବ ନାହିଁ। କୋଭିଡ୍ ନିୟମ ଉଲ୍ଲଂଘନ ଓ ଅତ୍ୟଧିକ ଭିଡ ସ୍ଥାନରେ ସୁରକ୍ଷା କର୍ମୀ ଯୋଗାଇ ଦେବାକୁ ଅତିରିକ୍ତ ଏସ୍‌ପି ବି.କେ ନନ୍ଦ ପ୍ରକାଶ କରିଥିଲେ। ବୈଠକରେ ସହକାରୀ ଜିଲାପାଳ ଶୁଭଦିପ୍ତା ମହାନ୍ତି, ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା, ଡିଆଇପିଆରଓ ମନୋଜ ବେହେରା, ଡଃ ଲମ୍ବୋଦର ସାହୁ, ଉତ୍ସବ ସାହୁଙ୍କ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତ ପ୍ରମୁଖ ଯୋଗଦେଇଥିଲେ।

### ଭାଜପା ଘେରିଲା ଡିଇଓ ଅଫିସ

**ବରଗଡ଼ ଅଫିସ୍,୯।୮:** ବରଗଡ଼ ଜିଲା ଭାଜପା ସୋମବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଅଫିସ ଘେରାଉ କରିଥିଲା। କରୋନା ଯୋଗୁ ଦୀର୍ଘ ଦେଢ଼ ବର୍ଷ ହେଲା ସ୍କୁଲ ଗୁଡ଼ିକ ବନ୍ଦ ରହିଥିବାବେଳେ ନବୀକରଣ, ଇକୋ କ୍ଲବ ନିର୍ମାଣ, ଖେଳ ସାମଗ୍ରୀ କିଣାବିକାରେ ବ୍ୟାପକ ଅନିୟମିତତା ହୋଇଥିବା ଭାଜପା ଅଭିଯୋଗ କରିଛି। ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅମିତ ପଣ୍ଡାଙ୍କ ନେତୃତ୍ୱରେ ଡିଇଓ ଅଫିସ ଘେରାଉ କରାଯାଇଥିଲା। ଏହାସହିତ ଡିଇଓ ମିତ୍ରଭାନୁ କଚ୍ଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ପରିକ୍ଷିତ ଛତର, ଯୁଧିଷ୍ଠିର ମେହେର, ସୁବ୍ରତ ହୋତା, କୁଶ କୁମ୍ଭାର, ଅବନୀକାନ୍ତ ପଣ୍ଡା, ଘନଶ୍ୟାମ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଶିକ୍ଷକ, କର୍ମଚାରୀଙ୍କ ଶୋଭାଯାତ୍ରା

## ୫ ଦଫା ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୯।୮**



ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଶୋଭାଯାତ୍ରା।

ରାଜ୍ୟ ସରକାର ଶିକ୍ଷକ କର୍ମଚାରୀଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ କରି ସୋମବାର ଓଡ଼ିଶା ରାଜ୍ୟ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ବରଗଡ଼ ଜିଲା ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଏକ ଶୋଭାଯାତ୍ରାରେ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଦାବିପତ୍ର ଗ୍ରହଣ କରିଥିଲେ।

୨୦୧୮ ଜାନୁୟାରୀରୁ ସମସ୍ତ ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ, ପୂର୍ବ ଜିଆଏର ଅସଙ୍ଗତି ଦୂରୀକରଣ ସହିତ ବାଦ୍ ପଡ଼ିଥିବା ସ୍କୁଲ, କଲେଜକୁ ଅନୁଦାନ ପରିସରଭୁକ୍ତ କରିବା, ଚାକିରି ସର୍ତ୍ତାବଳୀ ସହିତ ଅବସରକାଳୀନ ସହାୟତା ପ୍ରଦାନ, ସ୍କୁଲ, କଲେଜରେ ଖାଲି ପଡ଼ିଥିବା ପଦବୀ ପୂରଣ, ଅବସର ବୟସ ସୀମାକୁ ୬୦ରୁ ୬୨ବର୍ଷକୁ ବୃଦ୍ଧି ଦାବି କରାଯାଇଛି। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲା ଓଷ୍ଟା ସଭାପତି ପ୍ରୀତିରଞ୍ଜନ ପଧାନ, ସମ୍ପାଦକ ନୀଳମଣି ପୁରୋହିତ, ୬୬୨ କଲେଜ ସଂଘ ସଭାପତି ଅଶୋକ ବେହେରା, ୪।୮ କଲେଜ ସଂଘ ସଭାପତି ଆନନ୍ଦ ବାରିକ, ନବକୃଷ୍ଣ ମିଶ୍ର, ସମ୍ପାଦକ ପରମାନନ୍ଦ ରଥଙ୍କ ସମେତ ଅଧ୍ୟାପକ, ଶିକ୍ଷକ, କର୍ମଚାରୀବୃନ୍ଦ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବିଏସ୍‌ସି ନର୍ସିଂ ନାମଲେଖା ଦ୍ୱନ୍ଦ୍ୱକୁ ନେଇ ଅଡୁଆରେ ଛାତ୍ରୀଛାତ୍ର

**ବାଲାଙ୍ଗୀର ଅଫିସ, ୯।୮**

ବିଏସ୍‌ସି ନାମଲେଖା ଦ୍ୱନ୍ଦ୍ୱକୁ ନେଇ ଛାତ୍ରୀଛାତ୍ର, ଅନୁଷ୍ଠାନ କର୍ତ୍ତୃପକ୍ଷ ଓ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଥିଲା। ନିର୍ସିଂଶିକ୍ଷାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଜିଆଇଏସ୍ ମ୍ୟାପିଂ ଅନୁଯାୟୀ ଶତାଧିକ ନର୍ସିଂ ସ୍କୁଲ ଓ କଲେଜ ଖୋଲିବାକୁ ଅନୁମତି ଦେଇଛନ୍ତି। ସରକାରଙ୍କ ନିୟମାନୁଯାୟୀ ବାୟୋଲଜି ସହ ଯୁକ୍ତଦୁଇ ବିଜ୍ଞାନରେ ୪୫ ପ୍ରତିଶତ ମାର୍କ ଥିବା ଆବଶ୍ୟକ। ନାମଲେଖା ପାଇଁ ରାଜ୍ୟ ନର୍ସିଂ ସିଲେକ୍‌ସନ୍ କମିଟି ବିଜ୍ଞାପନ ଦ୍ୱାରା ଛାତ୍ରୀଛାତ୍ରଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଥାଏ ଏବଂ ମାର୍କ ଅନୁଯାୟୀ ଚୟନ ପ୍ରକ୍ରିୟା ହୋଇଥାଏ । କିନ୍ତୁ ଚଳିତବର୍ଷ ଦିଲ୍ଲୀସ୍ଥିତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ତରଫରୁ ବିଏସ୍‌ସିରେ ନାମ ଲେଖାଇବା ପାଇଁ ଏନ୍‌ଇଇଟି (ନିଟ୍) ପରୀକ୍ଷା ଦେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପୁନଶ୍ଚ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ତରଫରୁ ନିଟ୍ ପରୀକ୍ଷା ବିଷୟରେ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିବାରୁ ଅଭିଭାବକ ମହଲରେ ସଂଶୟ ପ୍ରକାଶ ପାଇଥିଲା। ଯେହେତୁ ଗତବର୍ଷ ଅର୍ଥାତ ୨୦୨୦-୨୧ ଶିକ୍ଷାବର୍ଷ ପ୍ରେସ୍‌ପେକ୍‌ଟସ୍ ଅନୁଯାୟୀ ଚଳିତ ବର୍ଷ ବିଏମ୍‌ସିରେ ନାମଲେଖା କରାଯିବ ବୋଲି ଜଣାଇଥିଲେ। ତେବେ ନିଟ୍ ପରୀକ୍ଷା ଦ୍ୱନ୍ଦ୍ୱକୁ ସ୍ପଷ୍ଟ କରିବା ସକାଶେ ବଲାଙ୍ଗୀରର ସାମାଜିକ କର୍ମୀ ତଥା ଆଇନଜୀବୀ ଶ୍ରୀକର ମିଶ୍ର ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଡିଏମ୍‌ଇଟିଙ୍କ ପ୍ରମୁଖ ସଚିବଙ୍କୁ ଅନୁରୋଧ କରିଥିଲେ। ସରକାର ଶୀଘ୍ର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଅନୁରୋଧ କରିଥିଲେ। ଶେଷରେ ରାଜ୍ଯ ସରକାର ଚଳିତବର୍ଷ ବିଏସ୍‌ସି ପରୀକ୍ଷା ପାଇଁ ନିଟ୍ ପରୀକ୍ଷା ଓଡିଶା ସକାଶେ ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିଥିବା ମିଶ୍ର ଜଣାଇଛନ୍ତି।

# ବଲାଙ୍ଗୀର ବିୟୁଟିସିଆନ୍ ସଂଘର ଧାରଣା



ବଲାଙ୍ଗୀର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିୟୁଟିସିଆନ୍ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ବାଲାଙ୍ଗୀର ଅଫିସ, ୯।୮**

ବଲାଙ୍ଗୀର ବିଉଟିସିଆନ୍ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ କାମ କରୁଥିବା ବିଉଟି ପାର୍ଲର, ସ୍ପାକୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭାବେ ମାନ୍ୟତା ଦେବାକୁ ଦାବି କରାଯାଇଛି। ଏହାସହିତ କରୋନା ମହାମାରୀରେ ଏହି କ୍ଷେତ୍ରଟି ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ସମସ୍ତ ବିଉଟି ପାର୍ଲର ଓ ସ୍ପାକୁ ୬ ମାସ ଧରି ୫ ହଜାର ଟଙ୍କା ଲେଖାଏ ଏକ୍‌ଗ୍ରାସିଆ ଯୋଗାଇ ଦେବା, ୧୫ଦିନ ମଧ୍ୟରେ ସରକାରଙ୍କ ତରଫରୁ ଏକ ରିଲିଫ୍ ପ୍ୟାକେଜ ପ୍ରଦାନ, ଋଣଛାଡ ସହ ୬ ମାସ ପାଇଁ ଋଣ କିସ୍ତି ଡିପୋଜିଟ୍‌ରେ କୋହଳ କରାଯିବା ଦାବି କରାଯାଇଥିଲା। ଶତାବ୍ଦୀ ଦାସ, ବୀଣାରାଗିଣୀ ମହାପାତ୍ର, ସନ୍ତୋଷୀ ମେହେର, ସାଗରିକା ପାତ୍ର, ବୀଣାପାଣି ସ୍ୱାଇଁ, ରଶ୍ମିତା ପଟ୍ଟନାୟକ, ସୌମ୍ଯା ସୁଚରିତା ମିଶ୍ର, ଶିବନୀ ତ୍ରିପାଠୀ, ନିରୂପମା ମେହେର ଓ ଅନ୍ଯମାନେ ଉପସ୍ଥିତ ଥିଲେ।

## ଫସଲ ନଷ୍ଟ ନେଇ ଫେରାଦ ହେଲେ ସରପଞ୍ଚ

**ଟିଟିଲାଗଡ଼, ୯।୮ (ଡି.ଏନ.ଏ.)**

ଟିଟିଲାଗଡ ବ୍ଲକ ଅଞ୍ଚଳରେ ଚଳିତ ଖରିଫରେ ବର୍ଷାଭାବ ଚାଷୀଙ୍କ ଚିନ୍ତାର କାରଣ ସାଜିଛି। ବ୍ଲକ ଅଞ୍ଚଳର କୁଶକେଲା, ଦିଗସିରା, କୁର୍ଚ୍ଚୁଣ୍ଡ, ନାରେନ, ଖୋଲାନ, ପରାସରା, ସିଲୁଆଁ, ମାର୍ଲାଡ, ଘୋଡାର, ବାଞ୍ଜିପଦର, ବିଜେପୁର ଆଦି ପଞ୍ଚାୟତର ଅନେକ ଜମିରେ ଧାନ ଗଛ ମରିବାକୁବସିଲାଣି। ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ଦାବି କରିଛି। ସୋମବାର ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଚଳ ଉଠାଜଳସେଚନ ପ୍ରକଳ୍ପର ମରାମତି, ପ୍ରକୃତ ଚାଷୀଙ୍କୁ ସରକାରଙ୍କ ଜଳନିଧି, ସୌର ଜଳନିଧି, ବିଜୁ କୃଷକ ବିକାଶ ଯୋଜନା ଆଦିରେ ସାମିଲ କରିବାକୁ ସଂଘ ଦାବି କରିଛି। ଏହି ଅବସରରେ ସରପଞ୍ଚ ଦୟାରାମ ଅଗ୍ରୱାଲ, ଗୋଲକ ବିହାରି ସିଂଭୋଇ, ଲୟ ଜାନୀ, ମମତା ମହାନନ୍ଦ, ରାମାନନ୍ଦ ବାଗ, ଅନିତା କଟା, ସପ୍ନା ସାହୁ, ଇନ୍ଦ୍ରାଣୀ ପୁଞ୍ଜି, ସାମାଜିକ କର୍ମୀ ଉମ୍ଭଧର ବାଗ, ଦୁର୍ବଲ କଟା ଉପସ୍ଥିତ ଥିଲେ।

# ଭୂମିହୀନ ଆଦିବାସୀଙ୍କୁ ଘରଡିହ ପଟ୍ଟା ଦାବିରେ ବିକ୍ଷୋଭ

**ସୋନପୁର,୯।୮(ନି.ପ୍ର.)**


ଆଦିବାସୀ ସମାଜ ଅଖିଳ ଭାରତୀୟ ଗୋଁଣ୍ଡୱାନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ସୁବର୍ଣ୍ଣପୁର ଜିଲାର ଭୂମିହୀନ ଆଦିବାସୀଙ୍କୁ ୪୦ଡେସିମିଲ୍ ଲେଖାଏ ଘରଡିହ ପଟ୍ଟା ପ୍ରଦାନ ଦାବିରେ ସୋମବାର କ୍ରାନ୍ତି ଦିବସରେ ସମ୍ମିଳିତ ଆଦିବାସୀ ସମାଜ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ସୋନପୁରରେ ରାଲି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ସ୍ଥାୟୀ ପଟ୍ଟା ପ୍ରଦାନ ସହ ୨୦୧୧ ମସିହା ଏସିସିସି ତାଲିକାରେ ଆଦିବାସୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଦାବି ହୋଇଛି। ଆଦିବାସୀ ସମ୍ପ୍ରଦାୟର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ ଓ ଆଦିବାସୀ ମାନେ ରହୁଥିବା ଗ୍ରାମ ଓ ପଡାକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଥିଲା। ସେହିପରି ଆଦିବାସୀ ନିର୍ଯାତନା ଆଇନରେ ଯଥାଶୀଘ୍ର ପୀଡିତାଙ୍କୁ ସହାୟତା ପ୍ରଦାନ ଓ ଆଦିବାସୀଙ୍କ ପୂଜା ପୀଠର ଉନ୍ନତିପାଇଁଦାବି ହୋଇଛି। ଏ ସମ୍ପର୍କିତ ଦାବିପତ୍ର ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ପ୍ରଦାନ କରାଯାଇଥିଲା। ଗୋଁଣ୍ଡ ସମାଜର ଜିଲା ସଭାପତି ବିରାଜ ଭୁଏଁଙ୍କ ନେତୃତ୍ୱରେ ସାନ କୋହ୍ଲପଡାରୁ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା । ବିକ୍ଷୋଭ ସଭାରେ ଉଲୁଣ୍ଡା ବ୍ଲକ ସଭାପତି ନନ୍ଦନ ବାରିକ୍, ଜିଲା ଆଦିବାସୀ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ, ଗୌରି କୁର୍ମା, ନୀଳାଞ୍ଜଳି ଧରୁଆ, ରୀନା ପୁଟା ଓ ସୋମନାଥ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ଟେଣ୍ଟ ମାଲିକ ସଂଘର ବିକ୍ଷୋଭ

**ବରଗଡ଼ ଅଫିସ୍,୯।୮**



ଜିଲାପାଳ ଅଫିସ ଆଗରେ ଟେଣ୍ଟ ମାଲିକ ସଂଘର ବିକ୍ଷୋଭ ।

କରୋନା କଟକଣା ଯୋଗୁ ଟେଣ୍ଟ ମାଲିକଙ୍କ ଜୀବିକା ଉଜୁଡ଼ି ଯାଇଛି। ବିବାହ, ବ୍ରତ, ଶୁଦ୍ଧିକ୍ରିୟା, ଆଦି ସାମାଜିକ କାର୍ଯ୍ୟକ୍ରମରେ କଟକଣା ଲାଗିଥିବାରୁ ଟେଣ୍ଟ ମାଲିକଙ୍କ ରୋଜଗାର ଠପ୍ ପଡ଼ିଯାଇଛି। ଏହାକୁ ନେଇ ବରଗଡ଼ ଜିଲା ଟେଣ୍ଟ ମାଲିକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏହି କ୍ରମରେ ସୋମବାର ସଂଘର କର୍ମକର୍ତ୍ତା, ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ବିବାହ, ବ୍ରତ, ଶୁଦ୍ଧିକ୍ରିୟାରେ କଟକଣା କୋହଳ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସଂଘ ସଭାପତି କ୍ଷୀରୋଦ୍ର ଶତପଥି, ସମ୍ପାଦକ ରତ୍ନରାଜ ପ୍ରଧାନ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଟେଣ୍ଟ ମାଲିକମାନେ ଜିଲାପାଳଙ୍କ ଅଫିସ ଆସିଥିଲେ।

# ସ୍କୁଲ ଓ କଲେଜ ମିଳିତ ମଞ୍ଚ ପକ୍ଷରୁ ରାଲି

**ସୋନପୁର,୯।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସୋମବାର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଜରିଆରେ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କ୍ରାନ୍ତି ଦିବସ ଅବସରରେ କୋଭିଡ୍ କଟକଣାକୁ ନେଇ ଜିଲା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ସହରରେ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ, ସପ୍ତମ ବେତନ କମିଶନ ଆଧାରରେ ଦରମା, ଅବସର କାଳୀନ ପେନସନ୍ ଓ ସୁବିଧା, ଅବସର ବୟସସୀମା ୬୦ରୁ ୬୨କୁ ବୃଦ୍ଧି ଓ ଖାଲି ଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ପାଇଁ ଦାବି କରାଯାଇଛି। ସରକାର ସଂଘର ଦୀର୍ଘଦିନର ଦାବିଗୁଡିକ ପୂରଣ ନ କଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ମିଳିତ ମଞ୍ଚ ସଭାପତି କଳ୍ପନା ଦାସଙ୍କ ସମେତ ସୁବାସ ଚନ୍ଦ୍ର ପଣ୍ଡା, ଡ. ଦେବାଶିଷ ପାଣ୍ଡିଆ, ନାରାୟଣ ନାୟକ, ଗୋପାଳ ଦାସ, ସୁଶୀଲ କୁମାର ବିଶି, ଅମିୟ କୁମାର ମହାନ୍ତି ଓ ମଧୁମିତା ନନ୍ଦ ଉପସ୍ଥିତ ଥିଲେ ।

# ପରମେଶ୍ୱରୀ ତନ୍ତୁବାୟ ସହଯୋଗ ସମିତି ପୁରସ୍କୃତ

**ସୋନପୁର,୯।୮(ନି.ପ୍ର.)**

ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲାର ୨ତନ୍ତୁବାୟ ସହଯୋଗ ସମିତି ରାଜ୍ୟସ୍ତରୀୟ ସମାରୋହରେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଲାଭ କରିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ବୟନିକା ଆନୁକୂଲ୍ୟରେ ଭୁବନେଶ୍ୱର ଜନପଥ ସ୍ଥିତ ବୟନିକା ଭବନରେ ଶନିବାର ରାଜ୍ୟସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। ୨୦୧୮-୧୯, ୨୦୧୯-୨୦ ଓ ୨୦୨୦-୨୧ ବିଗତ ତିନି ଆର୍ଥିକ ବର୍ଷର ହାରାହାରି ବ୍ୟବସାୟକୁ ଦେଖି ରାଜ୍ୟରେ ସର୍ବାଧିକ ହସ୍ତତନ୍ତ ବିକ୍ରି କରିଥିବା ସୋନପୁର ବ୍ଲକ ସାଗରପାଲିର ମା' ତନ୍ତୁବାୟ ସହଯୋଗ ସମିତିକୁ ପ୍ରଥମ ଓ ଉଲୁଣ୍ଡା ବ୍ଲକ ପିପିଲିକାନିର ପରମେଶ୍ୱରୀ ତନ୍ତୁବାୟ ସହଯୋଗ ସମିତିକୁ ଦ୍ୱିତୀୟ ପୁରସ୍କାର ମିଳିଛି। ମା' ତନ୍ତୁବାୟ ସହଯୋଗ ସମିତି ସମ୍ପାଦକ ସୁଧୀର ସୁନାଙ୍କୁ ମାନପତ୍ର ଓ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ ପରମେଶ୍ୱରୀ ତନ୍ତୁବାୟ ସହଯୋଗ ସମିତିର ସମ୍ପାଦକ ଗଙ୍ଗାଧର ମେହେରଙ୍କୁ ମାନପତ୍ର ଓ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହି ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବରେ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଏବଂ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ସାଗରପାଲିର ମା' ତନ୍ତୁବାୟ ସହଯୋଗ ସମିତି ସମ୍ପାଦକଙ୍କୁ ମନ୍ତ୍ରୀ ପଦ୍ମିନୀ ଦିଆନ ପୁରସ୍କୃତ କରୁଛନ୍ତି ।

# 'ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ଆଦିବାସୀ'

**ଭୁବନେଶ୍ୱର, ୯।୮(ବ୍ୟୁରୋ)**



ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ବିଜେଡି ପାଳିଲା ଆଦିବାସୀ ଦିବସ

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ଆଦିବାସୀ ନେତା ତଥା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମିନୀ ଦିଆନ୍, ଜଗନ୍ନାଥ ସାରକା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ନେତା ଶହୀଦ ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ଧରଣୀଧର ଭୂୟାଁ, ରେଣ୍ଡୋ ମାଝି, ତିଲ୍‌କା ମାଝି ପ୍ରମୁଖଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତାଙ୍କ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମାରାଣ୍ଡି କହିଛନ୍ତି, ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ବଜାୟ ରହୁ, ସେମାନେ ଆଗକୁ ଯାଆନ୍ତୁ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ୩ ବର୍ଷ ତଳେ ଏହି ଆନ୍ତର୍ଜାତିକ ଆଦିବାସୀ ଦିବସ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ପ୍ରେରଣା ଦେଇଛନ୍ତି। କୋଭିଡ୍ କଟକଣା ଯୋଗୁ ଆଡ଼ମ୍ବରରେ ନ ହେଲେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପାରମ୍ପରିକ ଭାବେ ଏହି ଦିବସ ପାଳନ କରାଯାଉଛି। ମନ୍ତ୍ରୀ ସାରକା କହିଛନ୍ତି, ଆଦିବାସୀଙ୍କ ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ଆମେ ବଞ୍ଚାଇ ରଖିବା ଦରକାର। ଏହି ଉଦ୍ଦେଶ୍ୟରେ ଆଦିବାସୀ ଦିବସ ପାଳନ କରାଯାଉଛି। ସଞ୍ଜୟ କହିଛନ୍ତି, ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ କେବେହେଲେ ଏ ଜାତି ଭୁଲିପାରିବ ନାହିଁ। ଏହା ଆମ ପାଇଁ ସ୍ମରଣୀୟ। ଆଦିବାସୀଙ୍କ କଳା, ସଂସ୍କୃତି, ଭାଷା ଓ ସାହିତ୍ୟକୁ ସଂରକ୍ଷଣ ଓ ପରିବ୍ୟାପ୍ତ କରିବା ପାଇଁ ଟ୍ରାଇବାଲ କାଉନ୍‌ସିଲ ଗଠନ ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଜୀବନଶୈଳୀକୁ ବଞ୍ଚେଇ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବହୁବିଧ ପଦକ୍ଷେପ ନେଇଛନ୍ତି। ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ମାଗଣା ଶିକ୍ଷା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ମୁଖ୍ୟମନ୍ତ୍ରୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ଏହି ପ୍ରକୃତିର ସନ୍ତାନମାନେ ଦେଶ ଓ ଜାତି ପାଇଁ କେବଳ ପ୍ରେରଣାର ଉତ୍ସ ନୁହନ୍ତି ବରଂ ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭକରି ସମାଜ ପ୍ରତି ସେମାନଙ୍କ ପ୍ରତିବଦ୍ଧତା, ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିଚାଲୁଥିବ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ନେତ୍ରୀ,ନେତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

**ସଂକ୍ଷେପରେ**

## ସ୍ୱଚ୍ଛ ସାଥୀମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

ଦେବଗଡ,୯।୮(ଡି.ଏନ୍‌.ଏ.): ଦେବଗଡ ପୌର ପରିଷଦ ପରିମଳ ବିଭାଗ, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନଙ୍କ ଦ୍ୱାରା ପ୍ରଧାନପାଟସ୍ଥିତ ଚମ୍ପକେଶ୍ୱର ମନ୍ଦିର ତଥା ଶିଶୁ ଉଦ୍ୟାନ ପରିସରରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡାଙ୍କ ନିର୍ଦ୍ଦେଶ ଓ ପରିମଳ ଅଧିକାରୀ ପ୍ରଦୀପ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛ ସୁପରଭାଇଜର ନଳିନୀ ସାହୁ ଓ ବର୍ଷାରାଣୀ ନାୟକଙ୍କ ସମେତ ପୌରାଞ୍ଚଳର ୧୧ଟି ଯାକ ୱାର୍ଡର ସ୍ୱଚ୍ଛ ସାଥୀମାନେ ପ୍ରଧାନପାଟ ସ୍ଥିତ ଚମ୍ପକେଶ୍ୱର ମନ୍ଦିର ତଥା ଶିଶୁ ଉଦ୍ୟାନ ପରିସରରେ ଏକତ୍ରିତ ହୋଇ ସେଠାରେ ଏଣେତେଣେ ବିକ୍ଷିପ୍ତ ଭାବେ ପଡିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଆଗାମୀ ଦିନରେ ଦେବଗଡ ପୌରାଞ୍ଚଳର ବିଭିନ ସ୍ଥାନରେ ଥିବା ମନ୍ଦିର ଏବଂ ବିଦ୍ୟାଳୟ ଗୁଡିକରୁ ମଧ ଅଳିଆ ଆବର୍ଜନା ସଫା କରାଯିବ ବୋଲି ପରିମଳ ଅଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ ଦିବସ

କୁତ୍ରା, ୯।୮(ଡି.ଏନ.ଏ): କୁତ୍ରା ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ରର ୨୪ତମ ସ୍ଥାପନ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାତୃ ପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏବଂ ପରେ କଳ୍ପନା ପାଣିଗ୍ରାହୀ ମା' ବହି, ଅର୍ଚ୍ଚନା ଅପା ଦୁର୍ଗାସ୍ରୋତ ଓ ସିନ୍ଧୁ ଅପା ଧାନ ପ୍ରାର୍ଥନା ବହି ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଭାଇ, ଅପା ଯୋଗ ଦେଇଥିଲେ।ଏଥିରେ ଅନଲାଇନ ମାଧମରେ ଜିଲାର ଅନେକ ମାତୃପ୍ରେମୀ ଯୋଗ ଦେଇଥିଲେ। ଦେବେନ୍ଦ୍ର ପୁରୋହିତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ବିସିକେଶନ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାତୃପ୍ରେମୀ ଶିବ ବେହେରା, ପ୍ରଫୁଲ୍ଲ ସାହୁ, ବ୍ରଜବନ୍ଧୁ ମହାପାତ୍ର, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୧୯୯୮ ମସିହା ଅଗଷ୍ଟ ୯ ତାରିଖ ସ୍ୱର୍ଗୀୟ ମାୟାଧର ବେହେରା, ସ୍ୱର୍ଗୀୟ ମଙ୍ଗଳୁଧର କୁଜୁର, ପ୍ରଭୁଦୟାଲ ଅଗ୍ରୱାଲ ପ୍ରମୁଖ ବହୁ ବ୍ୟକ୍ତିବିଶେଷଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ର ସ୍ଥାପନ କରାଯାଇଥିଲା।

## ବିଦ୍ୟୁତ୍‌ ଆଘାତରେ ରାଜମିସ୍ତ୍ରି ମୃତ

ଦେବଗଡ଼,୯।୮(ଡି.ଏନ.ଏ): କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଲୁହାଛଡ କାଟୁଥିବା ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଦେବଗଡ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବାରକୋଟ ବ୍ଲକ ରମ୍ଭେଇ ଗ୍ରାମଦେଇ ଯାଇଥିବା ମତୁଆଳି ନାଳରେ ଏକ ଡ୍ୟାମ ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ନିକଟସ୍ଥ ଏକ ଏଲ.ଟି. ବିଦ୍ୟୁତ ଖୁଣ୍ଟରୁ ଚୋରାରେ ଲାଇନ ନେଇ ନିର୍ମାଣ କାର୍ଯ୍ୟରେ ବେଆଇନ ଭାବେ ବ୍ୟବହାର କରାଯାଉଥିଲା । ସୋମବାର ୧ ଟାରେ ଉକ୍ତ ଡ୍ୟାମ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଦନ୍ତରୀବାହାଲ ଗ୍ରାମର ମାରୁ ଭୋଇ(୩୮) ବିଦ୍ୟୁତ କଟର ସାହାଯ୍ୟରେ ଲୁହାଛଡ କାଟୁଥିବା ବେଳେ ଅସାବଧାନତା ବଶତଃ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ସିପିଆଇଏମ୍‌ ତରଫରୁ ବିକ୍ଷୋଭ

ଟେନ୍‌ସା, ୯।୮(ଡି.ଏନ୍‌.ଏ.)

କୋଇଡ଼ାଠାରେ ସୋମବାର ସିପିଆଇଏମ୍‌ ତରଫରୁ ବିଭିନ୍ନ ଦାବିନେଇ ବିକ୍ଷୋଭ କରାଯାଇଛି। ପ୍ରଥମେ କୋଇଡ଼ା ବ୍ଲକ ତା'ପରେ କୋଇଡ଼ା ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। କରୋନା ମହାମାରୀ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲାଇ ଦେଇଛି। ରଣକରି ଗାଡ଼ି ଆଣିଥିବା ଗାଡ଼ିମାଲିକମାନଙ୍କ ଆର୍ଥିକ ମେରୁଦଣ୍ଡ ମଧ୍ୟ ଭାଙ୍ଗିଯାଇଛି। କେନ୍ଦ୍ର ସରକାର କ୍ରମାଗତ ଭାବେ ତୈଳ ଦର ବୃଦ୍ଧି କରୁଥିବାବେଳେ ଗାଡ଼ି ଖଣି ପରିବହନ କରୁଥିବା ଭଡା ବଢାଯାଉନାହିଁ। ଯାହାଫଳରେ ଗାଡ଼ି ମାଲିକମାନେ ରଣ ସୁଝି ପାରୁନାହାନ୍ତି। କୋଇଡ଼ା ଅଞ୍ଚଳରେ ଥିବା ଛଅ ଗୋଟି ରେଲୱେ ସାଇଡିଂ ରକ୍ସି, ରେଞ୍ଜାଡା, ବରସୁଆଁ, ପାଟାସାହି, ବିମଲାଗଡ, ଚାନ୍ଦିପୋଷକୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରି ଅନ୍ୟ ଜିଲା କେନ୍ଦୁଝର ରେଲୱେ ସାଇଡିଂକୁ ପରିବହନ କରାଯାଉଛି। ଏହି ସବୁ ସାଇଡିଂକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ଏବଂ କୋଇଡା ଅଞ୍ଚଳରେ ଥିବା ସମସ୍ତ ରେଲୱେ ସାଇଡିଂକୁ ଖଣି ପରିବହନ କରାଯାଉ। ଏହିସବୁ ବିଭିନ୍ନ ଦାବିକୁ ନେଇ ବଣାଇ ବିଧାୟକ ଲକ୍ଷଣ ମୁଣ୍ଡା, ସିପିଆଇଏମ ନେତା ପ୍ରମୋଦ ସାମଲ, ପ୍ରଭାତ ପଣ୍ଡା, ଅଶୋକ ସାମଲ, ବାଦଲ ବାରିକ,ସୁଦର୍ଶନ ପାତ୍ର, ହଳଧର ଦେହୁରୀ, ବାବୁଲି ମୁଣ୍ଡା, ଚନ୍ଦ୍ରମଣି ନାଏକଙ୍କ ନେତୃତ୍ୱରେ ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଥିଲେ। ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ପହଞ୍ଚି ଖଣି କର୍ତ୍ତୃପକ୍ଷ ଏବଂ କୋଇଡ଼ା ଖଣି ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ ସିପିଆଇଏମର ବିଧାୟକ ଏବଂ ଦଳର କର୍ମୀ ସହ ଆଲୋଚନ କରିଥିଲେ। ଏହି ସବୁଦାବି ଆଗାମୀ ୧୨ ତାରିଖ ସୁଦ୍ଧା ସମାଧାନ ନହେଲେ ଖଣି ସମ୍ମୁଖରେ ଧାରଣ ଦେବେ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।



ବିଭିନ୍ନ ଦାବିନେଇ କୋଇଡ଼ାଠାରେ ସିପିଆଇଏମ୍‌ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ

ସୁନ୍ଦରଗଡ,୯।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ତରଫରୁ ସୋମବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡିଆର୍‌ଡିଏ ଛକଠାରେ ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ, ଆଡ୍‌ଭୋକେଟ୍ ନିମାଇଁ ଚରଣ ନାଏକ ଯୋଗଦେଇ କ୍ରାନ୍ତି ଦିବସର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥଲେ। ପରେ ଏକ କ୍ୟାଣ୍ଡେଲ ଶୋଭଯାତ୍ରା ଡିଆରଡିଏ ଛକଠାରୁ ବାହାରି ପୁରୁଣା

**କ୍ୟାଣ୍ଡେଲ ଶୋଭାଯାତ୍ରା**

ବସ୍‌ଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଦଳର କର୍ମକର୍ତ୍ତା ଅଜିତ ପ୍ରସାଦ, ଆଡ୍‌ଭୋକେଟ କମଲ ସେନ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ଲିଗାଲ ସେଲ୍ ସଭାପତି ସତ୍ୟଜିତ ପଣ୍ଡା, ବିଧାନସଭା କ୍ଷେତ୍ର ଯୁବ ସଭାପତି ବିଶ୍ୱଜିତ ପଟ୍ଟନାଏକ, ଛାତ୍ର କଂଗ୍ରେସ ସଭାପତି ଏମ୍‌.ଡି. ଫୈଜଲ ପ୍ରମୁଖ ଯୋଗ ଦେଇଥିଲେ।




କଂଗ୍ରେସ କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

# ଜିଲା ହକି ଆସୋସିଏଶନର ସାଧାରଣ ପରିଷଦ ବୈଠକ



ହକି ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

ସୁନ୍ଦରଗଡ଼, ୯।୮ (ଡି.ଏନ୍‌.ଏ.)

ସୁନ୍ଦରଗଡ଼ ଜିଲା ହକି ଆସୋସିଏଶନର ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ହକି ଖେଳର ଉନ୍ନତି ଓ ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା ହୋଇଥିଲା। ତୃଣମୂଳସ୍ତରରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଅଣାଯାଇ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାର ୧୭ଟି ବ୍ଲକରେ ହକି ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ହକି ଆଷ୍ଟ୍ରୋଟପ ପଡିଆ ନିର୍ମାଣ, ବରିଷ୍ଠ ଅଭିଜ୍ଞ ଖେଳାଳି ଓ କୋଚ୍‌ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ, ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଖେଳାଳିମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ଏବଂ ଚଳିତ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳରେ ଭାଗ ନେଇଥିବା ମହିଳା ଓ ପୁରୁଷ ଦଳର ଜିଲାର ୪ଜଣ ହକି ଖେଳାଳିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକର ପ୍ରାରମ୍ଭରେ ଜିଲା ହକି ଆସୋସିଏଶନର କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ହକି ଆସୋସିଏଶନ ପାଇଁ ସ୍ଥାୟୀଗୃହ ନିର୍ମାଣ ସକାଶେ ଜମି, ଖେଳପଡିଆ ଓ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ଏହି ବୈଠକରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା କ୍ରୀଡା ଅଧିକାରୀ ମିଲଟନ ବିଲୁଙ୍ଗ, ସାଧାରଣ ସମ୍ପାଦକ ସିଲଭେଷ୍ଟର ତିର୍କୀ, ପୂର୍ବତନ ଉପସଭାପତି ପ୍ରଫେସର ଭିକ୍ଟର କୁଜୁର, ରାଉରକେଲାର ହକି କୋଚ୍ ବିଜୟ ଲାକ୍ରା, ଫ୍ଲୋରେନସିଆ ଏକ୍କା, ଇଷ୍ଟର ସିଟି ହକି ଗୋଲଡକପ୍ ଟୁର୍ନାମେଣ୍ଟ କମିଟିର ରଜତ ମିଞ୍ଜଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଦାବିପତ୍ର

ସୁନ୍ଦରଗଡ଼ ୯।୮(ଡିଏନଏ)

ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ସୁନ୍ଦରଗଡ ଶାଖା ପକ୍ଷରୁ ସୋମବାର ୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ବିଭୀଷଣ ବାରିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆସି ଜିଲାପାଳଙ୍କ କାର୍ଯାଳୟଠାରେ ପହଞ୍ଚି ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ, ସମ୍ପାଦକ ସନ୍ତୋଷ କୁମାର ନାୟକ, ଉପଦେଷ୍ଟା ବ୍ରଜେନ୍ଦ୍ର ଦାଶ,ସନ୍ତୋଷ କୁମାର ପଟେଲ, ଦିଲ୍ଲୀପ କୁମାର ପଟେଲ, ରମାକାନ୍ତ ମଲ୍ଲିକ, ସ୍ୱରାଜ ରାଉତରାଏ, ନିତ୍ୟାନନ୍ଦ ବେହେରା, ଅରୁଣ ସ୍ୱାଇଁ, ଶିଶିର ପାଣି, ଜୀମୁତ ଦାସ, ହେମନ୍ତ ଦେ, ଲୋକନାଥ ପ୍ରଧାନ, ଅମରେଶ ସାହୁ, ନିରଞ୍ଜନ ପଟେଲ, କୈଳାସ ଦେଓ ପ୍ରମୁଖ ମିଳିତ ମଞ୍ଚ ତଥା ଓଷ୍ଟାର ବହୁ ଶିକ୍ଷକ ନେତା ଉପସ୍ଥିତ ରହି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚାକିରୀ ସର୍ତ୍ତାବଳୀ, ପୂର୍ଣ୍ଣ ଅନୁଦାନ ଏବଂ ସପ୍ତମ ବେତନ ପ୍ରଦାନ ପାଇଁ ସଂଘ ତରଫରୁ ଦାବି କରାଯାଇଛି।

# ହାଇବ୍ରିଡ ପନିପରିବା ମଞ୍ଜି ବଣ୍ଟନ

ସୁନ୍ଦରଗଡ,୯।୮ (ଡି.ଏନ.ଏ)

ଟାଙ୍ଗରପାଲି ବ୍ଲକର ଅଧିକାଂଶ ଚାଷୀଙ୍କ ମୁଖ୍ୟ ବୃତ୍ତି ବର୍ଷାଦିନିଆ ଧାନଚାଷ ଥିବାବେଳେ କାଁ ଭାଁ କିଛି ଚାଷୀ ପରିପରିବା ଚାଷ ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଏହାକୁ ଗୁରୁତ୍ୱଦେଇ ସେବକ ତରଫରୁ ପନିପରିବା ଚାଷ ନିମନ୍ତେ ବ୍ୟାପକ ସଚେତନତା କରାଯାଉଛି। ସୋମବାର ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମେଘଡେଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପନିପରିବା ଚାଷ ଉପରେ ତାଲିମ କାର୍ଯ୍ୟକ୍ରମ ଓ ବିହନ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ୟା ଭୂୟାଁ ପନିପରିବା ଚାଷ ଦାରା ନିଜର ଜୀବିକା ଉନ୍ନତି କରିବା ନିମନ୍ତେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମେଘ ସରପଞ୍ଚ କ୍ଷୀରୋଦିନୀ ଧୁଆଁ ସେବକର ତଥା ଉଜ୍ଜଳପୁର କ୍ଷେତ୍ରପରିଚାଳନା ଏକକର ଏକାଭିମୁଖୀତା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କିଶୋରୀ ମର୍ଣିହିରା ବିକଳ୍ପ ଜୀବିକା ମାଧମରେ ହିଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମିବ ବୋଲି ମତପ୍ରଦାନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବରେ ଆଇଟିଡିଏର ସନ୍ଦିପ ଟପ୍ପୋ ଓ ସେବକର ଚକ୍ରଧର ପୃଷେଠ ଯୋଗଦେଇ ଚାରା ଉତ୍ପାଦନ, ଚାଷ ପ୍ରଣାଳୀ, ମୂଲ୍ୟବୃଦ୍ଧି ଓ ବଜାର ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଟାଙ୍ଗରପାଲି ଏବିଡିଓ ଦମୟନ୍ତୀ ପଟେଲ, ସେବକର ଅଧକ୍ଷ ଅମିୟକାନ୍ତ ନାଏକ, ବନପାଳ ବିମଳ ଶେଖର ଦାସ ଯୋଗଦାନ କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସେବକର ମନୋରଞ୍ଜନ ମଲ୍ଲିକ, ହରିପ୍ରିୟା ନାଏକ, ସଂଯୋଜକ ସବ୍ୟସାଚୀ ରଥ ପ୍ରମୁଖ ପରିଚାଳନା କରିଥିଲେ।



ହାଇବ୍ରିଡ଼ ପନିପରିବା ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ ପାଳନ

ରାଜଗାଙ୍ଗପୁର/ଲହୁଣୀପଡ଼ା/କୁତ୍ରା, ୯।୮ (ଡି.ଏନ.ଏ)

ସୋମବାର ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଆଦିବାସୀ ପ୍ରଗତି ମଞ୍ଚ ଦ୍ୱାରା ରାଜଗାଙ୍ଗପୁର ବ୍ଲକ କେସରାମାଲଠାରେ ଏକ ସମ୍ମିଳନୀ ଓ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରଶାସକ ରାମକୃଷ୍ଣ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଆଦିବାସୀମାନଙ୍କ ଜୀବନ ଜୀବିକା ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସହିତ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ବ୍ୟବସ୍ଥା ଯଥା କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଇତ୍ୟାଦି ପାଇଁ ରହିଥିବା ଜିଲାସ୍ତରୀୟ ବ୍ୟବସ୍ଥା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ଆଦିବାସୀ ପରିଷଦର ସମ୍ପାଦକ ଦେବେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ବିଜେଡି ବରିଷ୍ଠ ନେତା ବେନେଡିକ ତିର୍କୀ, କେସରାମାଲ ସରପଞ୍ଚ ଲିଲି ସୁକାନ୍ତିବା, ଝଗଡପୁର ସରପଞ୍ଚ ସଂଯୁକ୍ତା ସା, କୁକୁଡା ସରପଞ୍ଚ ରିଲା ସୁଶିଲା ଟପ୍ପୋ, ଅଲଣ୍ଡା ସରପଞ୍ଚ ଆଶ୍ରିତା କୁଜୁର, ବରିଷ୍ଠ ଶ୍ରମିକ ନେତା ଓ ସମାଜସେବୀ ବଇଲ କିସାନ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଆଦିବାସୀ ପ୍ରଗତି ମଞ୍ଚର ସଭାପତି ସୁଶିଲ କୁମାର ଲାକ୍ରା ଏହି ସଭାରେ ସଭାପତିତ୍ୱ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅଶୋକ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଆଦିବାସୀ ନୃତ୍ୟଗୀତ ପରିବେଷଣ ହୋଇଥିଲା।ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁସ୍ଥିତ ଜଙ୍ଗା ବଡଦେଓ ମନ୍ଦିର ପ୍ରାଙ୍ଗଣଠାରେ ଗଣ୍ଡ ସମାଜ ପକ୍ଷରୁ ସୋମବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ଏଥିରେ ଭୁବନେଶ୍ୱର ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରୋଇନୁ ନାଏକ, ପ୍ରେମ ନାରାୟଣ କାଲୋ, ଲକ୍ଷ୍ମଣ କୁମୁରା, ରାଜେଶ ଗଡନାୟକ, ଅଶ୍ୱିନୀ ପାତ୍ର, ସନ୍ତୋଷ ନାଏକ, ଚୁଡାମଣୀ ମହାପାତ୍ର, ବେଣୁଧର ଚାରଡିଆ ପ୍ରମୁଖ ଉପସ୍ଥିତ ଥିଲେ। କୁତ୍ରା ବ୍ଲକ ଅନ୍ତର୍ଗତ ଜଉରାମୁଣ୍ଡାଠାରେ ବିର୍ସା ମୁଣ୍ଡା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଆଦିବାସୀ ଦିବସ ପାଳନ ହୋଇଥିଲା। ପ୍ରଥମେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିବା ସହ ବିର୍ସା ମୁଣ୍ଡା ଆଦିବାସୀଙ୍କ ପାଇଁ ଭଗବାନ ସୁଦୃଶ ଥିଲେ ବୋଲି କହିଥିଲେ ଏବଂ ଆଦିବାସୀ ପରମ୍ପରାର ମହନୀୟତା ଆଲୋଚନା କରିଥିଲେ। ଏହି ଅବସରରେ ଅଶ୍ୱିନ ମାଝୀ, ନିରଲ କାଣ୍ଡେ, ଦୟାଲ କାଣ୍ଡେ, ଜନ କେରକେଟା, ମମତା କୁଆଁରଦାର, ବିନିତା ହନ୍ସ, ଆନନ୍ଦ ଲାକଡା ପ୍ରମୁଖଙ୍କ ସମେତ ବୀର ବିର୍ସା ମୁଣ୍ଡା ଜୟନ୍ତୀ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସ୍ମାରକପତ୍ର

ଦେବଗଡ,୯।୮(ଡି.ଏନ.ଏ)

୫ ଦଫା ଦାବିରେ ଦେବଗଡ ଜିଲା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଦେବଗଡ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦେବଗଡ ଜିଲା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସଭାପତି ବିଜୟ କୁମାର ଶତପଥିଙ୍କ ନେତୃତ୍ୱରେ ଓଷ୍ଟାର ବ୍ଲକ ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା, ସଞ୍ଜୟ କୁମାର ବ୍ରହ୍ମା ଓ ଧରଣୀଧର ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କୀତ ୫ ଦଫା ଦାବି ପୂରଣ ନିମନ୍ତେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ଏହି ସ୍ମାରକପତ୍ର ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାୟକଙ୍କୁ ପ୍ରଦାନ କରିଥିଲେ ।

# ଝାରସୁଗୁଡ଼ା-ପାରାଦୀପ ନୂତନ ରେଳପଥ ନିର୍ମାଣ ଦାବି

ଦେବଗଡ,୯।୮(ଡି.ଏନ.ଏ)

**ରେଳପଥ ନିର୍ମାଣ ଦାବିରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

ଝାରସୁଗୁଡାରୁ କୋଲାବିରା,କୁଚିଣ୍ଡା, ତିଲେଇବଣି, ଦେବଗଡ ଓ ବାରକୋଟ ଦେଇ ପାରାଦୀପ ବନ୍ଦରକୁ ଏକ ନୂତନ ରେଳପଥ ନିର୍ମାଣ ନିମନ୍ତେ ଦେବଗଡ ରେଳ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସୋମବାର ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବଗଡ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ରେଳ ବିକାଶ ମଞ୍ଚର ଆବାହକ ସୁଧିର କୁମାର ବ୍ରହ୍ମା, ଆଲୋକ କୁମାର ମିଶ୍ର, ଶଶାଙ୍କ ଶେଖର ଝାଙ୍କର, ମିତ୍ରଭାନୁ ମହାପାତ୍ର, ସଂଜୟ ନାୟକ, ରାମଚନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ନନ୍ଦ ଓ ଦିଲୁ ମହାପାତ୍ରଙ୍କ ସମେତ ରେଳ ବିକାଶ ପରିଷଦର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁଶାନ୍ତ ନାୟକଙ୍କୁ ପ୍ରଦାନ କରିଥିଲେ । ଏ ଅଞ୍ଚଳରୁ ପ୍ରଚୁର ମାତ୍ରାରେ ଫଳ ଓ ପନିପରିବା ଉତ୍ପାଦନ ହେଉଥିବାରୁ ଉପରୋକ୍ତ ରେଳପଥ ଦେବଗଡ ଜିଲାଦେଇ ଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ଓ ବିଭିନ୍ନ ଅଞ୍ଚଳକୁ ସୁବିଧାରେ ମାଲ ପରିବହନ ହୋଇପାରନ୍ତା ବୋଲିଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।



ଦେବଗଡ ରେଳ ବିକାଶ ମଞ୍ଚ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

# ରେଳମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟିକା

ସୁନ୍ଦରଗଡ଼, ୯।୮(ଡି.ଏନ୍‌.ଏ.)

ସରଡ଼େଗା-ଲଇକେରା -ଝାରସୁଗୁଡା ପାସେଞ୍ଜର ଏବଂ ଝାରସୁଗୁଡା-ସୁନ୍ଦରଗଡ଼-ଅମ୍ବିକାପୁର ରେଳଚଳାଚଳ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କଠାରେ ଦାବି ଜଣାଇଛନ୍ତି ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ। ବିଧାୟିକା ଟେଟେ ସୋମବାର ଦିଲ୍ଲୀଠାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଏଥିରେ ଜଣାଇଛନ୍ତି ଯେ, ସରଡେଗା ଠାରୁ ଲଇକେରା ଦେଇ ଝାରସୁଗୁଡାକୁ ରେଳସଂଯୋଗୀକରଣ କାର୍ଯ୍ୟ ଶେଷ ହୋଇଛି। ଏହିରେଳପଥରେ ବର୍ତ୍ତମାନ କେବଳ କୋଇଲା ପରିବହନ ହେଉଛି। ଯଦି ଏହାକୁ ଟପରିଆ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ଏକ ପାସେଞ୍ଜର ଟ୍ରେନ ଚଳାଚଳ କରାଯାଏ, ତାହାହେଲେ ବିସ୍ଥାପିତ ଅଞ୍ଚଳବାସୀ ରେଳସେବା ପାଇପାରିବେ। ଏହା ଛଡା ଦୀର୍ଘଦିନର ଦାବି ଝାରସୁଗୁଡା -ସୁନ୍ଦରଗଡ- ଅମ୍ବିକାପୁର ଟ୍ରେନଚଳାଚଳ ପାଇଁ ନୂତନ ପ୍ରକଳ୍ପ କରାଗଲେ ଏହା ୩ରାଜ୍ୟ ସଙ୍ଗେ ସଂଯୋଗୀକରଣ ହେବା ସହ ସ୍ଥାନୀୟ ବାସିନ୍ଦା ଉପକୃତ ହେବେ। ଏହାଛଡା ରାଉରକେଲା ଠାରୁ ରାଜଧାନୀ ଭୁବନେଶ୍ୱରକୁ ପ୍ରତିଦିନ ସନ୍ଧ୍ୟାରେ ଦ୍ୱିତୀୟ ଇଣ୍ଟରସିଟି ଚଳାଚଳ କରାଗଲେ ପଶ୍ଚିମ ଓଡିଶାବାସୀ ସୁବିଧା ପାଇପାରିବେ। ସେହିପରି ଝାରସୁଗୁଡା ଠାରେ ରେଳବାଇ ଡିଭିଜନ ଗଠନ କରିବା ସହ କନିକା ଏବଂ ଧୁରୁଆଡିହି ଠାରେ ୨ଟି ରେଳବାଇ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଧାୟିକା ଦାବି କରିଛନ୍ତି। ଏହି ସାକ୍ଷାତକାର ବେଳେ ରେଳମନ୍ତ୍ରୀ ବିଧାୟିକାଙ୍କ ସହ ସୁନ୍ଦରଗଡି ଭାଷାରେ କଥାହେବା ସହ ଖୁବଶୀଘ୍ର ସରଡେଗା -ଝାରସୁଗୁଡା ମଧ୍ୟରେ ଟ୍ରେନ୍ ଚଳାଚଳ ଆରମ୍ଭ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ।



ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ୍ କରୁଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

କୁଚିଣ୍ଡା, ୯।୮ (ଡି.ଏନ.ଏ.): କୁଚିଣ୍ଡା ଥାନା ଲଇଡା ମାଳିପଡାର ଧନେଶ୍ୱର ମରେଇ (୪୦) ରାତ୍ରିରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଜାଣିବା ପରେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ।

### ଡିଜେଲ ଚୋରି ଅଭିଯୋଗରେ ୨ ଗିରଫ



ଝାରସୁଗୁଡ଼ା ଅଫିସ,୯।୮: ଝାରସୁଗୁଡ଼ା ଜିଲା ବଡମାଲ ଥାନା ପୋଲିସ ଡିଜେଲ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରଜରାଜନଗର ଥାନା କୁଦୋପାଲି ଗ୍ରାମର ମିତ୍ର ଲୁହାର ଓ ବିପିନ ମିର୍ଦ୍ଧା। ଏମାନଙ୍କ ନିକଟରୁ ପୋଲିସ୍ ଚୋରିରେ ବ୍ୟବହୃତ ଓଆର୍୨୩ସି ୪୯୬୬ନଂ ବୋଲେରୋ ସହିତ ଚୋରି ହୋଇଥିବା ୬୦ଲିଟର ଡିଜେଲ୍ ଜବତ କରିଛି। ଏହି ଡିଜେଲ୍ ବଡମାଲ ଥାନା ଖେରୁଆଲ ଛକ ନିକଟରେ ଛିଡା ହୋଇଥିବା ଟ୍ରକ୍‌ରୁ ରବିବାର ରାତିରେ ଚୋରି ହୋଇଥିଲା। ଏ ନେଇ ପୋଲିସ୍ ବଡମାଲ ଥାନା କେସ୍ ନଂ.୧୪୯/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ରେଳ ଧକ୍କାରେ ୩ଗୁ ଊର୍ଦ୍ଧ୍ୱ ବାଘ୍ରା ମୃତ

ରେଢାଖୋଲ,୯।୮ (ଡି.ଏନ.ଏ.): ତାଳଚେର-ସମ୍ବଲପୁର ରେଳପଥର ରେଢାଖୋଲ ଷ୍ଟେଶନଠାରୁ ୩କି.ମି. ଦୂର ବାରବାଙ୍କ ଗ୍ରାମ ନିକଟରେ ସୋମବାର ସକାଳେ କୌଣସି ଏକ ଟ୍ରେନ ଧକ୍କାରେ ୩ଗୁ ଊର୍ଦ୍ଧ୍ୱ ଜଙ୍ଗଲି ବାଘ୍ରାଙ୍କ ମୃତ୍ୟୁ ହୋଇଛି। ଖବରପାଇ ବଡବାହାଲ ଫରେଷ୍ଟର ନାରାୟଣ ନାୟକ, ଫରେଷ୍ଟଗାର୍ଡ ଅଳକା ପ୍ରଧାନ ଘଟଣାସ୍ଥଳକୁ ଯାଇ ମୃତ ବାଘ୍ରାଙ୍କୁ ଉଦ୍ଧାର କରିଥିଲେ। ଶବଗୁଡିକୁ ପ୍ରାଣୀ ଚିକିତ୍ସକ ବ୍ୟବଚ୍ଛେଦ କରିବା ପରେ ବଡବାହାଲ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ଡିଏଫ୍‌ଓ ଶିଶିର କୁମାର ରଥ କହିଛନ୍ତି।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଓବିସି ମଞ୍ଚର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୯।୮: ଝାରସୁଗୁଡା ଜିଲା ଓବିସି ମଞ୍ଚ ତରଫରୁ ସୋମବାର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ସମୂହ ମଧ୍ୟରେ ଓବିସି ଜାତି ଜନଗଣନା, ଉଚ୍ଚଶିକ୍ଷା ଓ ସରକାରୀ ଚାକିରି, ସେବା, ନ୍ୟାୟପାଳିକା, ଅମଲାତନ୍ତ୍ର, ରାଜନୈତିକ ମଞ୍ଚରେ ଜିଲାପରିଷଦ, ବିଧାୟକ ଓ ଏମ୍‌ପି ଆସନରେ ଆନୁପାତିକ ପ୍ରତିନିଧିତ୍ୱ, ପରବର୍ତ୍ତୀ ଓବିସି ଜନଗଣନା ପର୍ଯ୍ୟ ୨୭ପ୍ରତିଶତ ପ୍ରତିନିଧିତ୍ୱ ପ୍ରଦାନ, ଗତ ୪ବର୍ଷ ମଧ୍ୟରେ ନିଟ୍ ପରୀକ୍ଷାରେ ୧୧ହଜାର ୨୭ମେଡିକାଲ୍ ସିଟ୍ ପୂରଣ ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ଜିଲା ଓବିସି ମଞ୍ଚର ରାଧେଶ୍ୟାମ ପ୍ରଧାନ, ଆଇନଜୀବୀ ସଞ୍ଜୟ ପ୍ରଧାନ, ଜୟରାମ ପ୍ରଧାନ, ପବିତ୍ର ବିଶି, ବୃନ୍ଦାବନ ମେହେର, ଗୁଣସାଗର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ

ଝାରସୁଗୁଡ଼ା ଅଫିସ,୯।୮: ଝାରସୁଗୁଡା ଜିଲା କଂଗ୍ରେସ କମିଟି ତରଫରୁ ଜିଲା ପାର୍ଟି କାର୍ଯ୍ୟାଳୟରେ ସୋମବାର ଜିଲା ସଭାପତି ଭରତ ଅବସ୍ଥୀଙ୍କ ଅଧ୍ୟକ୍ଷତାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଦଳୀୟ କର୍ମକର୍ତ୍ତା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀଛକ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କ୍ରାନ୍ତିକାରୀ ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। ଜିଲା ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ସମ୍ପାଦକ ଅଲେଖ କୁମାର, ଜିଲା ଯୁବକଂଗ୍ରେସ ସଭାପତି ଶୈଳେଶ ତିୱାରୀ, ଲଖନପୁର ବ୍ଲକ୍ କଂଗ୍ରେସ ସଭାପତି ଲିଙ୍ଗରାଜ ବଡେଇ, ଲଇକେରା ବ୍ଲକ୍ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭିମ୍ ଆର୍ମିର ବିକ୍ଷୋଭ, ଗିରଫ ଦାବି

**ଅଣଓଡ଼ିଆଙ୍କ ଦଳିତ ବିରୋଧୀ ମନ୍ତବ୍ୟ ପ୍ରସଙ୍ଗ**

- ସୁରକ୍ଷା ପରିଷଦ ସହ ଆଲୋଚନା କଲେ ଏସ୍‌ପି

ସମ୍ବଲପୁର,୯।୮ (ବ୍ୟୁରୋ)



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭିମ୍ ଆର୍ମି ପକ୍ଷରୁ ବିକ୍ଷୋଭ କରାଯାଉଛି।

ସମ୍ବଲପୁର ସହରରେ ଜଣେ ଅଣଓଡିଆ ବ୍ୟକ୍ତି ଦଳିତଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେବା ସହ ଗୋମାଂସ ଖାଉଥିବା ନେଇ ସାମାଜିକ ଗଣମାଧମରେ ପ୍ରଚାର କରିଥିଲେ। ଏହାକୁ ବିରୋଧ କରି ୩ଦିନ ହେଲା ଦଳିତ ଶ୍ରେଣୀର ବିଭିନ୍ନ ସଂଗଠନ ପ୍ରତିବାଦ କରିଆସୁଥିଲେ। ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭିମ୍ ଆର୍ମି ପକ୍ଷରୁ ବିକ୍ଷୋଭ କରାଯିବ ସହ ତାଙ୍କୁ ଗିରଫ ଦାବି କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଦଳିତ ସମାଜ ଗଣ୍ଡା ସମ୍ପ୍ରଦାୟ ଗୋ ମାଂସ ଖାଉଥିବା ନେଇ ସମ୍ପୃକ୍ତ ବ୍ୟକ୍ତି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ଦ୍ୱାରା ସମାଜକୁ ବଦ୍‌ନାମ କରାଯାଇଛି। ଏହାକୁ ନେଇ ଘୁନଘୁଟି ପଡାବାସୀ ଦୀର୍ଘ ୪ଦିନ ହେଲା କ୍ଷେତରାଜପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ଯାହା ନିନ୍ଦନୀୟ। ଅନ୍ୟପଟେ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଗତ ରବିବାର ଖବରଦାତା ସମ୍ମିଳନୀ କରି ୪୮ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏହାସହ ଅଣଓଡିଆମାନେ ସମ୍ବଲପୁର ସହରକୁ ଅଶାନ୍ତ କରୁଥିବା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୋମବାର ଦଳିତ ସୁରକ୍ଷା ପରିଷଦର ସଭାପତି ନିହାଲ ସିଂ, ସୁବେଶ ମୁଣ୍ଡା, ଶିବ ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ଏସପି ଗଙ୍ଗାଧର ସାମାଜିକ ଗଣମାଧମରେ ପ୍ରଚାର ହୋଇଥିବା ଲେଖାକୁ ମଧ ଗ୍ରହଣ କରିଛନ୍ତି। ଏହାସହ ତାଙ୍କ ପରାମର୍ଶ କ୍ରମେ ସୁରକ୍ଷା ପରିଷଦ ପକ୍ଷରୁ ଲିଖିତ ଭାବେ ଏସ୍‌ପିଙ୍କୁ ଏତଲା ଦିଆଯାଇଛି। ଏ ସମ୍ପର୍କରେ ପରିଷଦ ସଭାପତି ନିହାଲ ସିଂ କହିଛନ୍ତି ଯେ, ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ଗିରଫ ଦାବି କରାଯାଇଥିଲା। ଏସ୍‌ପି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ପ୍ରତିଶ୍ରୁତି ପାଳନ କରା ନ ଯାଏ ତା'ହେଲେ ଆନ୍ଦୋଳନ କରାଯିବ।

# ଏସ୍‌ପିଙ୍କୁ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

**ସୂଚନା ଅଧିକାର କର୍ମୀ ଗିରଫ ମାମଲା**

ଝାରସୁଗୁଡ଼ା ଅଫିସ,୯।୮

ଝାରସୁଗୁଡ଼ାର ସୂଚନା ଅଧିକାର କର୍ମୀ ସତ୍ୟନାରାୟଣ ରାଓଙ୍କ ଗିରଫଦାରିକୁ ନେଇ ମାନବାଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହାକୁ ମାନବାଧିକାର କମିଶନ ଗୁରୁତର ସହ ନେଇ ଜଣେ ସୂଚନା ଅଧିକାର କର୍ମୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ମାମଲା ରୁଜୁକରି ଗିରଫ କରିବା ଅତ୍ୟନ୍ତ ସଙ୍ଗିନ ବୋଲି କହିଥିଲେ। ଏ ନେଇ ମାନବାଧିକାର କମିଶନ ସୂଚନା ଅଧିକାର କର୍ମୀ ରାଓଙ୍କ ମାନବାଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ଝାରସୁଗୁଡ଼ା ଏସ୍‌ପିଙ୍କୁ ୪ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ସୂଚନାଯୋଗ୍ୟ ସୂଚନା ଅଧିକାର କର୍ମୀ ରାଓ ଝାରସୁଗୁଡା ପୌର ପରିଷଦକୁ ଆର୍‌ଟିଆଇ ମାଧ୍ୟମରେ କେତେକ ତଥ୍ୟ ମାଗିଥିଲେ। ଏ ସମ୍ପର୍କରେ ଜାଣିବା ପାଇଁ ସେ ପୌର କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ନିର୍ବାହୀ ଅଧିକାରୀ ତାଙ୍କୁ ଗାଳିଗୁଲଜ ଓ ଧମକ ଦେଇଥିବା ନେଇ ସୂଚନା ଅଧିକାର କର୍ମୀ ରାଓ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ ନ କରି ସୂଚନା ଅଧିକାର କର୍ମୀଙ୍କୁ ଗତ ଜୁନ୍ ୨୫ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

# ସମ୍ମିଳିତ ଆଦିବାସୀ ସମାଜର ଦିଲ୍ଲୀ ଯାତ୍ରା



ଦିଲ୍ଲୀ ଯାତ୍ରା ପାଇଁ ଝାରସୁଗୁଡା ରେଳଷ୍ଟେଶନରେ ସମ୍ମିଳିତ ଆଦିବାସୀ ସମାଜର କର୍ମକର୍ତ୍ତା।

**ଆଦିବାସୀଙ୍କ ଅଧିକାରକୁ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରିବେ**

ଝାରସୁଗୁଡ଼ା ଅଫିସ,୯।୮

ଝାରସୁଗୁଡ଼ା ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ସରକାରଙ୍କ ସମସ୍ତ ନୀତିନିୟମ ପୂରଣ କରୁଥିଲେ ମଧ୍ୟ ଟିଏସ୍‌ପିରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଏ ସମ୍ପର୍କରେ ସମ୍ମିଳିତ ଆଦିବାସୀ ସମାଜ ତରଫରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଆଦିବାସୀ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ସମାଜର ଏକ ପ୍ରତିନିଧି ଦଳ ସୋମବାର ଝାରସୁଗୁଡାରୁ ଟ୍ରେନ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିନିଧି ଦଳରେ ମହେନ୍ଦ୍ର ନାୟକ, ପ୍ରଭାକର ଓରାମ, ପଦ୍ମଲୋଚନ ବୁଦୁଲା, ଦୁର୍ଗା ପ୍ରସାଦ ଭୋଇ, ଶ୍ୟାମଲାଲ୍ ନାୟକ, ଲିଙ୍ଗରାଜ ପ୍ରଧାନ, ତ୍ରିଲୋଚନ ତନସନା, ଗଙ୍ଗାଧର ଭୋଇ ପ୍ରମୁଖ ରହିଛନ୍ତି। ଏମାନେ ଦିଲ୍ଲୀରେ ପହଞ୍ଚି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଗତ ୩୦ ତାରିଖରେ ସମ୍ମିଳିତ ଆଦିବାସୀ ସମାଜ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାତ୍ରାକରି କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏନେଇ ଗତ ୧ତାରିଖରୁ ୭୮ପଞ୍ଚାୟତରେ ସାମୂହିକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱ ଆଦିବାସୀ ଦିବସରେ ଏହାକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# କୁଚିଣ୍ଡା କଂଗ୍ରେସର ବିକ୍ଷୋଭ

କୁଚିଣ୍ଡା,୯।୮ (ଡି.ଏନ.ଏ.)



କଂଗ୍ରେସ କର୍ମକର୍ତ୍ତାଙ୍କ ଶୋଭାଯାତ୍ରା।

କୁଚିଣ୍ଡା ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଚାଷୀଙ୍କୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପ୍ରଦାନ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ କୁଚିଣ୍ଡା ବ୍ଲକ କଂଗ୍ରେସ ଓ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ସ୍ଥାନୀୟ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି କର୍ମକର୍ତ୍ତାମାନେ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ବ୍ଲକ ସଭାପତି ଲବଣୀ ନାଏକଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା ଏନ୍‌ଏସିର ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ବିରଞ୍ଚି ସାହୁ, ଟୁନା ମହାନନ୍ଦ, ଅକ୍ଷୟ ସାହୁ, ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୯।୮ (ଡି.ଏନ.ଏ.)

ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଅଜୟ ତିୱାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆଇଆଇସି ପ୍ରେମଜିତ ଦାସ, ଏବିଡିଓ ରୁଷଭ ମାଝି, ଜମନକିରା ସରପଞ୍ଚ ଭାସ୍କର ଚନ୍ଦ୍ର ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ଏପିଓ ମନୋଜ କୁମାର ଭୋଇ, ଜିପିଓ ସତ୍ୟପ୍ରିୟ ସାହୁ, ଖବରଦାତା ରବୀନ୍ଦ୍ର ପ୍ରସାଦ ଦାନି, ସତ୍ୟପ୍ରିୟ ମହାପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ରାଖୀ କିଓସ୍କ ଉଦ୍‌ଘାଟିତ

ଝାରସୁଗୁଡ଼ା ଅଫିସ, ୯।୮

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓର୍ମାସର ମିଳିତ ଆନୁକୂଲ୍ୟରେ ତଥା ଜିଲା ପ୍ରଶାସନ ସହଯୋଗରେ ରାଖୀ କିଓସ୍କ ଡିଆର୍‌ଡିଏ ପିଡି ତପିରାମ ମାଝିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାଖୀ କ୍ରୟ ବିକ୍ରୟ ଦିଗରେ ଜନସଚେତନତା ସୃଷ୍ଟି ଏହାର ଉଦ୍ଦେଶ୍ୟ। ଏଥି ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ଯଥା ଆରିସା ପିଠା, ଖସା ଲଡ୍ଡୁ, ବାଦାମ ଲଡ୍ଡୁ, ସେଓ ଓ ନିମ୍‌କି ଆଦି ବିକ୍ରୟ ପୂର୍ବକ ଏମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ କରାଇବା ମଧ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ଜିଲା ସଂଯୋଜିକା ନିଳିମା କୁଜୁର, ଜିଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନ୍ନିସା ବେଗମ, ସୀମା ଟିଗା, ରୂପାନ୍ୱିତା ମିଶ୍ର, ନଳିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓର୍ମାସ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ଦିବସ

ଜମନକିରା, ୯।୮ (ଡି.ଏନ୍.ଏ.)

ଜମନକିରା ସଦର ମହକୁମାସ୍ଥିତ ଜୀବିକା ମିଶନ ସମ୍ମିଳନୀ କକ୍ଷରେ ସୋମବାର ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଜମନକିରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହିଳା ପରିଦର୍ଶିକା ଅନିତା ଏକ୍କା ଯୋଗଦେଇ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମା' କ୍ଷୀର ଶିଶୁର ମାନସିକ ଓ ଶାରୀରିକ ବିକାଶରେ ସହାୟକ ହେଉଥିବାରୁ ଏହା ଶିଶୁଙ୍କୁ ପିଆଇବା ଜରୁରୀ ବୋଲି ବୁଝାଇଥିଲେ। ଏଥିରେ ମହିଳା ପରିଦର୍ଶିକା, ଆଙ୍ଗନୱାଡି କର୍ମୀ ତଥା ମା'ମାନେ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ

ଝାରସୁଗୁଡ଼ା ଅଫିସ,୯।୮

ବ୍ରଜରାଜନଗର ଗାନ୍ଧୀ ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଜିଲା ଏସ୍‌ଟି ମୋର୍ଚ୍ଚା ସଭାପତି ଉତ୍ତମ ନେଗୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଭାଜପା ଜିଲା ସଭାପତି ମଙ୍ଗଳ ସାହୁ ମୁଖ୍ୟଅତିଥି ଓ ଲଖନପୁର ୩ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ତଥା ଆଦିବାସୀ ମୋର୍ଚ୍ଚା ପ୍ରଭାରୀ ସାମଲ ନାୟକ, ବ୍ରଜରାଜନଗର ମଣ୍ଡଳ ସଭାପତି ରକ୍ମଣ ଧୁରୁଆ, ରସିକ ଆଡେ, ଝସକେତନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆଦିବାସୀ ସମାଜର ଉନ୍ନତି ନେଇ ଆଲୋଚନା କରିଥିଲେ। ଲଇକେରା, କିର୍ମିରା ଓ କୋଲାବିରା ବ୍ଲକ୍‌କୁ ଆଇଟିଡିଏ ମାନ୍ୟତା, ଜିଲାରେ ଆଦିବାସୀ ସମାଜ ଉତ୍‌ଥାନ, କେନ୍ଦ୍ର ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟ ଆଦବାସୀ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଗର୍ଭବତୀ ମହିଳାଙ୍କ ମୃତ୍ୟୁ

କୁଚିଣ୍ଡା, ୯।୮ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ବଞ୍ଜାରୀ ଗ୍ରାମର ଭାଲେଣ୍ଟିନ ଟପ୍ପୋଙ୍କ ସ୍ତ୍ରୀ ତସାରୀ ଟପ୍ପୋ (୨୩)ଙ୍କ ରବିବାର ଗର୍ଭ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଏକ ଗାଡ଼ିରେ କୁଚିଣ୍ଡା ଡାକ୍ତରଖାନା ଆଣୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅନୁସନ୍ଧାନ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅସୁରକ୍ଷିତ



ଅସୁରକ୍ଷିତ ଅବସ୍ଥାରେ ଥିବା କାର୍ଯ୍ୟାଳୟ।

ଜମନକିରା, ୯।୮ (ଡି.ଏନ.ଏ.)

ଜମନକିରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅସୁରକ୍ଷିତ ଅବସ୍ଥାରେ ରହିଛି। ଫଳରେ ସେଠାରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଜମନକିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଉକ୍ତ କାର୍ଯ୍ୟାଳୟ ଦୀର୍ଘଦିନରୁ ନିର୍ମିତ ହୋଇଥିବା ବେଳେ କୋଠାଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ରହିଛି। ଛାତରୁ ପାଣି ଗଳିବା ସହ ସିମେଣ୍ଟ ଛାଡ଼ି ଯାଇଛି। ସମୟେ ସମୟେ ସିମେଣ୍ଟ ପଲସ୍ତରା ଖସୁଛି। ଏହି କାର୍ଯ୍ୟାଳୟରେ ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିଥିବା ବେଳେ ୩ଜଣ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଅଛନ୍ତି। ୧୦ ଜଣରୁ ଅଧିକ କିରାଣି ଓ କର୍ମଚାରୀ ରହି କାମ କରୁଥିବା ବେଳେ ୫ ଶହରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ ନୂତନ କୋଠା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ସ୍କୁଲ କଲେଜ ମିଳିତ ମଞ୍ଚର ଦାବିପତ୍ର

ସମ୍ବଲପୁର,୯।୮ (ବ୍ୟୁରୋ)

ଓଡିଶା ସ୍କୁଲ, କଲେଜ ଶିକ୍ଷକ-ଅଧାପକ, କର୍ମଚାରୀ ମିଳିତ ମଞ୍ଚ ସୋମବାର ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ଭୂ-ଅର୍ଜନ ଅଧିକାରୀ ସରୋଜ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଯୋଗ୍ୟ ବିବେଚିତ ୧୭୭ ହାଇସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ପ୍ରଦାନ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବି ରହିଛି। ମିଳିତ ମଞ୍ଚ କଲେଜ ଶାଖା ସଭାପତି ଅଶୋକ କୁମାର ପୁରୋହିତ, ସମ୍ପାଦକ ବିଶ୍ୱପତି ବେହେରା, ୪୮୮ବର୍ଗ ମହାବିଦ୍ୟାଳୟ ସଂଘର ଅଞ୍ଜନ କୁମାର ମିଶ୍ର, ରବୀନ୍ଦ୍ର ଠାକୁର, ରାଜେଶ ଦାଶ, ମମତା ବିଶ୍ୱାଳ, ବୈଜୟନ୍ତି ପଶାୟତ, ଗୀତାଞ୍ଜଳି ନନ୍ଦ, ଓଷ୍ଟା ଜିଲା ସମ୍ପାଦକ ହରିନାରାୟଣ ପଣ୍ଡା, ଉପସଭାପତି ପ୍ରେମାନନ୍ଦ ଖମାରୀ, ଯୁଗ୍ମ ସମ୍ପାଦକ ବିଭୂତିଭୂଷଣ ଚାନ୍ଦ, ସସ୍ମିତା ଦାଶ, ସାଗରିକା ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମିଳିତ ମଞ୍ଚ କର୍ମକର୍ତ୍ତା ଦାବିପତ୍ର ଦେବାକୁ ଜିଲାପାଳ ଅଫିସ ଯାଉଛନ୍ତି।

## ୧୬ରେ ଭୁବନେଶ୍ୱରରେ ସମାବେଶ ପାଇଁ ଚେତାବନୀ



ମିଳିତ ମଞ୍ଚର କର୍ମକର୍ତ୍ତା ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୯।୮: ୫ଦଫା ଦାବିନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ମିଳିତ ମଞ୍ଚ ଝାରସୁଗୁଡା ଜିଲା ତରଫରୁ ସୋମବାର କୋର୍ଟ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଦାବି ପୂରଣ ନ ହେଲେ ମିଳିତ ମଞ୍ଚ ଆସନ୍ତା ୧୬ତାରିଖରେ ଭୁବନେଶ୍ୱରରେ ବିଶାଳ ଜନସମାବେଶ ପାଇଁ ଚେତାବନୀ ଦେଇଛି। ଏ ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ନୂତନଭାବେ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜରେ ଥିବା ସମସ୍ୟା, ଚାକିରି ସର୍ତ୍ତାବଳୀ, ପୁରୁଣା ପେନ୍‌ସନ୍ ସ୍କିମ୍, ଅଣଅନୁଦାନ ପ୍ରାପ୍ତ ସ୍କୁଲ୍‌କୁ ଅନୁଦାନ, ଅବସର ବୟସ ୬୨ବର୍ଷକୁ ବୃଦ୍ଧି, ଅବସର ଓ ଅକାଳ ମୃତ୍ୟୁ ଯୋଗୁ ଖାଲିପଡିଥିବା ପଦବୀ ପୂରଣ, ଚାକିରିରେ ରହି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରରୁ ଜଣଙ୍କୁ ଚାକିରି ଯୋଗାଇବା ଅନ୍ୟତମ। ସମାବେଶରେ ୬୬୨ଓ ୪୪୨ବର୍ଗର କଲେଜ, ଉଚ୍ଚ ବିଦ୍ୟାଳୟ ପ୍ରତିନିଧିଙ୍କ ମଧ୍ୟରେ କିଶୋର କୁମାର ମହାନ୍ତି, ସନ୍ତୋଷ ପଟେଲ, ମଧୁସୂଦନ ବଳବନ୍ତରାୟ, ତପନ ମିଶ୍ର, ବିପଦ ପଣ୍ଡା, ଭାରତୀ ଭୋଇ, ସୁଶାନ୍ତ ଦାସ ପ୍ରମୁଖ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ।